ବର୍ଷ-୨୪, ସଂଖ୍ୟା-୨୫୦
ଭୁବନେଶ୍ୱର
୧୦ ଅକ୍ଟୋବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 250
Bhubaneswar Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




# ଶିଳ୍ପ ଜଗତକୁ ଝଟ୍‌କା : ପରଲୋକରେ ରତନ ଟାଟା



୮୬ ବର୍ଷ ବୟସରେ ଆଖି ବୁଜିଲେ ଟାଟା ଗ୍ରୁପ ଚେୟାରମ୍ୟାନ୍

ଶୋକ ପ୍ରକାଶ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି

ଟାଟା ଗ୍ରୁପକୁ ଘରେ ଘରେ ପରିଚିତ କରାଇବାରେ ଥିଲା ବଡ଼ ଭୂମିକା

ପଦ୍ମଭୂଷଣ ଓ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ ଭାରତ ସରକାର

ମୁମ୍ବାଇ,୯।୧୦(ମହାଭାରତ); ଆରପାରିରେ କିମ୍ବଦନ୍ତୀ ଉଦ୍ୟୋଗପତି ତଥା ପଦ୍ମ ବିଭୂଷଣ ରତନ ଟାଟା। ୮୬ ବର୍ଷ ବୟସରେ ଆଖି ବୁଜିଛନ୍ତି ଟାଟା ଗ୍ରୁପ ଚେୟାରମ୍ୟାନ୍ ତଥା ଟାଟା ସନ୍ସର ଚେୟାରମ୍ୟାନ ଏମେରିଟସ୍ ରତନ ଟାଟା। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ସେ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତକାଲି ରାତିରେ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଦେହାନ୍ତ ପରେ ଶିଳ୍ପପତି ରତନ ଟାଟାଙ୍କ ମୃତଦେହ କୋଲାବା ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଛି। ତାଙ୍କ ସମ୍ପର୍କୀୟଙ୍କ ସୂଚନା ଅନୁଯାୟୀ ତାଙ୍କୁ ଦର୍ଶନ ପାଇଁ ସକାଳ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଏନସିପିଏରେ ରଖାଯିବ।

ଉଦ୍ୟୋଗପତି ରତନ ଟାଟାଙ୍କ ବିୟୋଗରେ ସବୁଠି ଶୋକର ଛାୟା ରତନ ଟାଟାଙ୍କ ବିୟୋଗରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ରାଜନେତା, ବ୍ୟବସାୟୀ ତଥା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି।

ଶିଳ୍ପପତି ରତନ ଟାଟାଙ୍କ ମୃତ୍ୟୁ ହେତୁ ଆଜି ମୁମ୍ବାଇରେ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଛି ବୋଲି ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ରତନ ଟାଟାଙ୍କ ଦେହାନ୍ତ ପରେ ହସ୍ପିଟାଲ ଯାଇ ଶେଷ ଦର୍ଶନ କରିଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍।

ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ କହିଛନ୍ତି ରତନ ଟାଟା ମହାରାଷ୍ଟ୍ରର ଗର୍ବ ଥିଲେ। ଦେଶର କୋହିନୋର ଥିଲେ। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ପ୍ରତିକ୍ରିୟା ରଖି କହିଛନ୍ତି ବହୁତ ବଡ ହୃଦୟ ଥିବା ବ୍ୟକ୍ତି ଆଜି ଆମକୁ ଛାଡିଛନ୍ତି, ଏହା ଦେଶ ପାଇଁ ଏକ ବଡ କ୍ଷତି।

୧୯୩୭ ମସିହା ଡିସେମ୍ବର ୨୮ ତାରିଖରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ ରତନ ନାଭାଲ ଟାଟା। ନିଜର ଅମାୟିକ ବ୍ୟକ୍ତିତ୍ୱ, ସରଳ ଜୀବନଶୈଳୀ, ମେଳାପି ସ୍ୱଭାବ ଏବଂ ବଦାନ୍ୟତା ପାଇଁ ପରିଚିତ ଥିଲେ ରତନ ଟାଟା। ୧୯୬୨ରେ ସେ ପ୍ରଥମେ ଟାଟା ଗ୍ରୁପରେ ଯୋଗ ଦେଇଥିଲେ। ୧୯୯୧ରେ ଜେଆରଡି ଟାଟା ଅବସର ନେବା ପରେ ସେ ଟାଟା ସନ୍ସ ଚେୟାରମ୍ୟାନ୍ ବନିଥିଲେ। ରତନ ଟାଟା ୨୧ ବର୍ଷ ବୟସରେ ୧୯୯୧ରେ ଅଟୋଠୁ ନେଇ ଇସ୍ପାତ ପର୍ଯ୍ୟନ୍ତ କାରବାର ସହ ଜଡ଼ିତ ଟାଟା ଗ୍ରୁପର ଅଧ୍ୟକ୍ଷ ହୋଇଥିଲେ। ଚେୟାରମ୍ୟାନ ହେବା ପରେ ସେ ଟାଟା ଗ୍ରୁପକୁ ଏକ ନୂତନ ଶିଖରରେ ପହଞ୍ଚାଇଥିଲେ।

ଟାଟା ଗ୍ରୁପକୁ ଏତେ ଉଚ୍ଚତାକୁ ନେବାରେ ରତନ ଟାଟା ସବୁଠାରୁ ବଡ ଭୂମିକା ଗ୍ରହଣ କରିଥିଲେ। ସେ ଦେଶ ତଥା ସାଧାରଣ ଲୋକଙ୍କ ପାଇଁ ଏପରି ଅନେକ କାର୍ଯ୍ୟ କରିଥିଲେ, ଯାହା ପାଇଁ ତାଙ୍କୁ ସର୍ବଦା ସ୍ମରଣ କରାଯିବ ରତନ ଟାଟା ଜଣେ ଉଦାର ବ୍ୟକ୍ତି ଥିଲେ ଏବଂ ଅସୁବିଧା ସମୟରେ ଦେଶକୁ ସାହାଯ୍ୟ କରିବାକୁ ସର୍ବଦା ପ୍ରସ୍ତୁତ ଥିଲେ। ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୨୦୦୦ ମସିହାରେ ପଦ୍ମଭୂଷଣ ଓ ୨୦୦୮ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ ଭାରତ ସରକାର। ୨୦୧୨ ମସିହାରେ ରକଫେଲାର ଫାଉଣ୍ଡେସନଦ୍ୱାରା ଆଜୀବନ ପାରଦର୍ଶିତା ପାଇଁ ପୁରସ୍କୃତ ହୋଇଥିଲେ ରତନ ଟାଟା।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୋକ ପ୍ରକାଶ କରି କହିଛନ୍ତି, ଭାରତ ଜଣେ ଆଇକନଙ୍କୁ ହରାଇଛି ଦେଶ ପାଇଁ ତାଙ୍କର ଅବଦାନ ଅମୂଲ୍ୟ ଅଟେ ସେହିପରି ଉପରାଷ୍ଟ୍ରପତି ଜଗଦୀପ ଧନକଡ ଏକ୍ସରେ ଲେଖିଛନ୍ତି ଆତ୍ମନିର୍ଭରଶୀଳ ଭାରତ ଗଠନରେ ତାଙ୍କର ଅବଦାନ ଭାରତ ତଥା ବାହାରେ ଉଦ୍ୟୋଗୀମାନଙ୍କ ପାଇଁ ସବୁଦିନ ପାଇଁ ପ୍ରେରଣା ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋଶାଲ ମିଡିଆ। ଏକ୍ସରେ ଲେଖିଛନ୍ତି ରତନ ଟାଟା ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟବସାୟୀ ଦୟାଳୁ ଆତ୍ମା ଏବଂ ଜଣେ ଅସାଧାରଣ ମଣିଷ ଥିଲେ ମୁଁ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କୁ ବାରମ୍ବାର ଭେଟିଛି ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିମଳ, ପଶୁ କଲ୍ୟାଣ ଭଳି କେତେକ କାରଣ ପାଇଁ ସେ ଚମ୍ପିୟନ ହୋଇଥିଲେ।ସେହିପରି ପ୍ରତିରକ୍ଷା ରାଜନାଥ ସିଂହ ଓ ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ନିଜ ନିଜ ସୋଶାଲ ମିଡିଆ। ଏକ୍ସରେ ଶୋକ ବାର୍ତ୍ତା ଦେବା ସହ ରତନ ଟାଟାଙ୍କୁ ମନେ ପକାଇଛନ୍ତି। ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବି ଏକ୍ସରେ ଶୋକବାର୍ତ୍ତା ଜଣାଇଛନ୍ତି। ରତନ ଟାଟାଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହ ଶିଳ୍ପପତି ମଧ୍ୟ ଶୋକ ପ୍ରକାଶ କରିଛନ୍ତି।

# ୨୦୨୮ ପର୍ଯ୍ୟନ୍ତ ମାଗଣା ରାସନ

ନୂଆଦିଲ୍ଲୀ,୯।୧୦(ମହାଭାରତ): ବୁଧବାର ଦିନ ଅନୁଷ୍ଠିତ ହୋଇଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ଅନେକ ପ୍ରମୁଖ ନିଷ୍ପତ୍ତି ନିଆଯାଇଛି। ଡିସେମ୍ବର ୨୦୨୮ ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଏବଂ ଅନ୍ୟାନ୍ୟ ହିତାଧିକାରୀ ଯୋଜନା ଅଧୀନରେ ମାଗଣା ରାସନ ଜାରି ରଖିବାକୁ କ୍ୟାବିନେଟ ଅନୁମତି ଦେଇଛି।

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ମାଗଣା ପୋଷଣଯୁକ୍ତ ଚାଉଳ ପାଇଁ ମୋଟ ୧୭,୦୮୨ କୋଟି ଟଙ୍କା ଖର୍ଚ୍ଚ ହେବ। କେନ୍ଦ୍ର ସରକାର ଏଥିପାଇଁ ପୂରା ପାଣ୍ଠି ଯୋଗାଇ ଦେବେ। ୨୦୨୨ ଏପ୍ରିଲ ମାସରେ ସରକାର



ଅର୍ଥନୀତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ ଦେଶରେ ପୋଷଣଯୁକ୍ତ ଚାଉଳ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲା। ୨୦୨୪ ମାଚ୍ଚ ସୁଦ୍ଧା ପର୍ଯ୍ୟାୟକ୍ରମେ ଏହି ଯୋଜନା ଦେଶର ସବୁ ପ୍ରାନ୍ତରେ ଲାଗୁ ହେବ ବୋଲି କୁହାଯାଇଥିଲା। ସରକାର ମଧ୍ୟ ଏହାକୁ ସଫଳତାର ସହ ଲାଗୁ କରିଥିବା କହିଛନ୍ତି। ସବୁ ସରକାରୀ ଯୋଜନା ଅଧୀନରେ ଲୋକଙ୍କୁ ପୋଷଣଯୁକ୍ତ ମାଗଣା ଚାଉଳ ୨୦୨୪ ମାର୍ଚ୍ଚ ସୁଦ୍ଧା ଯୋଗାଇ ଦିଆଯାଇଛି।ଏବେ ଏହି ଯୋଜନାକୁ ୨୦୨୮ ଡିସେମ୍ବର ମାସ ଯାଏ ବୃଦ୍ଧି କରାଯାଇଛି।

ପିଏମଜିକେଏୱାଇ (ଖାଦ୍ୟ ସବସିଡି)ର ଏକ ଅଂଶ ଭାବରେ ଭାରତ ସରକାରଙ୍କ ଦ୍ୱାରା ୧୦୦% ପାଣ୍ଠି ସହିତ ଭିଟାମିନଯୁକ୍ତ ଚାଉଳ ଅଭିଯାନ ଏକ କେନ୍ଦ୍ରୀୟ କ୍ଷେତ୍ରର ପଦକ୍ଷେପ ଭାବରେ ଜାରି ରହିବ, ଯାହା କାର୍ଯ୍ୟକାରୀ କରିବା ପାଇଁ ଏକ ସମନ୍ୱିତ ସଂସ୍ଥାଗତ ବ୍ୟବସ୍ଥା ପ୍ରଦାନ କରିବ।ତଦନୁଯାୟୀ, ଦେଶରେ ପୁଷ୍ଟିକର ନିରାପତ୍ତାର ଆବଶ୍ୟକତା ଉପରେ ୭୫ତମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଅନୁଯାୟୀ, ଦେଶରେ ରକ୍ତହୀନତା ଏବଂ ମାଇକ୍ରୋନ୍ୟୁଟ୍ରିଏଣ୍ଟ ଅଭାବ ଦୂର କରିବା ପାଇଁ ଟାର୍ଗେଟେଡ୍ ପବ୍ଲିକ୍ ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ (ଟିପିଡିଏସ୍), ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା, ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍), ପିଏମ୍‌ପୋଷଣ (ପୂର୍ବ ଏମଡିଏମ) କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ଏପ୍ରିଲ ୨୦୨୨ରେ ପର୍ଯ୍ୟାୟକ୍ରମେ ମାର୍ଚ୍ଚ ୨୦୨୪ ସୁଦ୍ଧା ସମଗ୍ର ଦେଶରେ ଚାଉଳରେ ଭିଟାମିନ ମିଶ୍ରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲା ।

# ରେପୋ ରେଟ୍ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୯।୧୦: ବଢ଼ିବନି ହୋମ୍ ଲୋନ୍ ଇଏମଆଇ। ଏଥର ମଧ୍ୟ ରେପୋ ରେଟ୍ ଅପରିବର୍ତ୍ତିତ ରଖିଲା ଅରବିଆଇ। ଲଗାତର ୧୦ମ ଥର ପାଇଁ ପ୍ରମୁଖ ସୁଧ ହାର ତଥା ରେପୋ ରେଟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଆଜି ଏମପିସିର ନିଷ୍ପତ୍ତି ଘୋଷଣା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ତଥା ଏମପିସି ଅଧ୍ୟକ୍ଷ ଶକ୍ତିକାନ୍ତ ଦାସ ଏହି ସୂଚନା ଦେଇଛନ୍ତି।

ଆରବିଆଇ ଗଭର୍ଣ୍ଣର କହିଛନ୍ତି ଯେ ଏମପିସି ବୈଠକରେ ରେପୋ ରେଟକ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ରିଭର୍ସ ରେପୋ ରେଟକୁ ୩.୩୫% ଓ ବ୍ୟାଙ୍କ ରେଟକୁ ୬.୭୫%ରେ ସ୍ଥିର ରହିଛି। ନୀତିଗତ ଆଭିମୁଖ୍ୟକୁ ମଧ୍ୟ ନ୍ୟୁଟ୍ରାଲ ରଖାଯାଇଛି। ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୬.୭ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ଆରବିଆଇର ମୁଦ୍ରା ନୀତି କମିଟିର ବୈଠକ ସୋମବାର ଠାରୁ ଆରମ୍ଭ ହୋଇଛି। ଏହି ମାସ ଆରମ୍ଭରେ ସରକାର ମୁଦ୍ରା ନୀତି କମିଟି (ଏମପିସି) - ଭାରତର ରିଜର୍ଭ ବ୍ୟାଙ୍କର ରେଟ୍ ସେଟିଂ କମିଟି ପୁର୍ନଗଠନ କରିଥିଲେ। ଏଥର କମିଟି ତିନିଜଣ ନୂତନ ନିଯୁକ୍ତ ବାହ୍ୟ ସଦସ୍ୟଙ୍କ ସହ ଏହି ବୈଠକ କରିଛନ୍ତି।କହିରଖୁ ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଫେବୃଆରୀ ୨୦୨୩ ଠାରୁ ରେପୋ ରେଟକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଆର୍ବିଆଇର ଏହି ନିଷ୍ପତ୍ତି ସାମ୍ନାକୁ ଆସିବା ପରେ ସେୟାର ମାର୍କେଟରୁ ଏହାକୁ ନେଇ ସକାରାତ୍ମକ ପ୍ରତିକ୍ରିୟା ସାମ୍ନାକୁ ଆସିଛି।

## ଧାମନଗରରୁ ହଟିଲା ୧୬୩ ଧାରା

**ଧାମନଗର, ୯।୧୦(ମହାଭାରତ):** ଧାମନଗର ଏନଏସି ଓ ଧୋବଲ ସହ ଆଖପାଖ ଅଞ୍ଚଳରୁ ୧୬୩ ଧାରାକୁ ଉଠାଇ ଦିଆଯାଇଛି। ବର୍ତ୍ତମାନ ସେଠାରେ ସ୍ୱାଭାବିକ ପରିସ୍ଥିତି ଫେରି ଆସିଥିବାରୁ ଏହି କଟକଣା ଉଠାଇ ଦିଆଯାଇଛି ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ଗତ ମାସ ୨୭ ତାରିଖରୁ ଏହି ସ୍ଥାନରେ ୧୬୩ ଧାରା ଜାରି କରାଯାଇଥିଲା। ସୋସିଆଲ ମିଡ଼ିଆରେ ବିବାଦୀୟ ଫେସବୁକ୍ ପୋଷ୍ଟକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ଯାହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୨୭ତାରିଖରେ ୧୬୩ଧାରା ଭଦ୍ରକ ଓ ଧାମନଗର ଅଞ୍ଚଳରେ ୧୬୩ ଧାରା ସହ କର୍ଫ୍ୟୁ ମଧ୍ୟ ଜାରି କରାଯାଇଥିଲା।

## ୫ ଥରର ବିଧାୟକ ଧନେଶ୍ୱର ମାଝୀଙ୍କ ପରଲୋକ

**ଭୁବନେଶ୍ୱର,୯।୧୦(ମହାଭାରତ):** ପୂର୍ବତନ ବିଧାୟକ ତଥା ରାଜ୍ୟସଭା ସାଂସଦ ଧନେଶ୍ୱର ମାଝୀଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। କେସିଙ୍ଗା ମେଡିକାଲରେ ଚିକିତ୍ସାଧୀନ



ଅବସ୍ଥାରେ ଆଜି ସକାଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।ଆଜି ସକାଳେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଶ୍ରୀ ମାଝୀଙ୍କୁ କେସିଙ୍ଗା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।କେସିଙ୍ଗା ଓ ନର୍ଲାରୁ ୫ ଥର ବିଧାୟକ ହୋଇଥିଲେ ଶ୍ରୀ ମାଝୀ। ଏଥିସହ ରାଜ୍ୟସଭାର ପୂର୍ବତନ ସାଂସଦ ମଧ୍ୟ ଥିଲେ। କିଛି ମାସ ତଳେ ଧନେଶ୍ୱର ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ଶ୍ରୀ ମାଝୀଙ୍କ ବିୟୋଗରେ ନେତା,କର୍ମୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି।

# ଆଉ ୩୫ ଲକ୍ଷ ହିତାଧିକାରୀଙ୍କୁ 'ସୁଭଦ୍ରା' ସହାୟତା

**ବାରିପଦା,୯।୧୦(ମହାଭାରତ):** ସବୁ ଅପେକ୍ଷାର ଅନ୍ତ ଘଟିଛି। ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଛି ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା। ଦ୍ୱିତୀୟ ପର୍ଯ୍ୟାୟରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀ ଏହି ଟଙ୍କା ପାଇଛନ୍ତି। ଆକାଉଣ୍ଟକୁ ୫ ହଜାର ଟଙ୍କା ଆସିଥିବା ନେଇ ହିତାଧିକାରୀ ପାଖକୁ ମେସେଜ୍ ଆସିଛି। ପାର୍ବଣରେ ମହିଳାଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଆସିଥିବାରୁ ହିତାଧିକାରୀଙ୍କ ଘରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।




ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବାରିପଦାର ଛଉ ପଡିଆରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ବଣ୍ଟନ କରିଛନ୍ତି। ଏଥିସହ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଥିବା ପ୍ରଥମ ଓ ଏକ କୋଟିଏତମ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଆଜି ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟରେ ୩୫ ଲକ୍ଷରୁ ଅଧିକ ମହିଳାଙ୍କୁ ଟଙ୍କା ଦିଆଗଲା। ଆମ ସରକାର ଯାହା ପ୍ରତିଶ୍ରୁତି ଦିଏ, ତାକୁ ଅକ୍ଷରେ ଅକ୍ଷରେ ପାଳନ କରେ। ସୁଭଦ୍ରା ଯୋଜନା ଓଡ଼ିଶାର ସର୍ବବୃହତ ଯୋଜନା। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଡବଲ ଇଂଜିନ ସରକାରକୁ ଆପଣ ସଫଳ କରିଛନ୍ତି। ଡବଲ ଇଂଜିନ ସରକାରରେ ଡବଲ ବିକାଶ ହେବ, ଡବଲ ଫାଇଦା ମିଳିବ। ଦ୍ୱିତୀୟ ପର୍ଯ୍ୟାୟରେ ଆଜି ୧୭୫୦ କୋଟିର ସୁଭଦ୍ରା ସହାୟତା ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ୍ ୩ ହଜାର କୋଟି ଟଙ୍କାର ସହାୟତା ଦିଆଯାଇଛି।ବାରିପଦା ସଭାରେ ପୂର୍ବ ସରକାରକୁ ସମାଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି, ଗତ ସରକାରଙ୍କ ମହିଳା ସଶକ୍ତୀକରଣ କେବଳ ସ୍ଲୋଗାନରେ ସୀମିତ ଥିଲା। ପୂର୍ବ ସରକାର କେବଳ ଇଭେଣ୍ଟ ମ୍ୟାନେଜମେଣ୍ଟ କରୁଥିଲେ। ମହିଳାଙ୍କୁ ଋଣ ଦେବା ନାଁରେ ମହାଜନୀ କାରବାର କରାଉଥିଲେ ନବୀନ। ଆମ ସରକାର ମହିଳାମାନଙ୍କୁ ବିକାଶ ଯାତ୍ରାରେ ସାମିଲ କରିଛି।

ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୧୧ ହଜାର ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୩୫ ଲକ୍ଷ ଅଧିକ ହିତାଧିକାରୀଙ୍କୁ ଟଙ୍କା ଦିଆଗଲା। ଆଜି ସଂଧ୍ୟା ସୁଦ୍ଧା ୬୦ ଲକ୍ଷରୁ ଅଧିକ ମହିଳାଙ୍କ ଖାତାକୁ ଟଙ୍କା ଯିବ। ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୋଟିଏ ଯୋଜନାରେ ୨ ମାସରେ କୋଟିଏ ମହିଳା କେବେ ଯୋଡ଼ି ହୋଇନଥିଲେ। ୧ କୋଟି ମହିଳା ଗୋଟିଏ ଯୋଜନାରେ ଯୋଡ଼ିହେବା ଏକ ରେକର୍ଡ। ଏଯାବତ ୧ କୋଟି ୬୦ ଲକ୍ଷ ସୁଭଦ୍ରା ଫର୍ମ ବଣ୍ଟନ କରାଯାଇଛି। ସେଥିରୁ ପ୍ରାୟ ୧.୫ କୋଟି ମହିଳାଙ୍କ ଫର୍ମ ରେଜିଷ୍ଟ୍ରେସନ ହୋଇଛି। ଖୁବଶୀଘ୍ର ତୃତୀୟ ପର୍ଯ୍ୟାୟ କିସ୍ତି ଦିଆଯିବ।

ଗତ ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରକାର ପ୍ରତି ବର୍ଷ ୨ଟି କିସ୍ତିରେ ୧ କୋଟି ଯୋଗ୍ୟ ମହିଳାଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଦେବେ। ଏହି ପରି ୫ ବର୍ଷରେ ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେବେ। ଗତ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା।

## ସମ୍ପତ୍ତି ଠୁଳ ଅଭିଯୋଗରେ ସରକାରୀ ବାବୁ ଗିରଫ

**ଭୁବନେଶ୍ୱର,୯।୧୦(ମହାଭାରତ)** : ଆୟ ବହିଃର୍ଭୁତ ସମ୍ପତି ଠୁଳ କରିବା ଅଭିଯୋଗରେ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗର ଜଣେ ବରିଷ୍ଠ ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କୁ ଭିଜିଲାନ୍ସ ଆଜି ଗିରଫ କରିଛି। ଗତକାଲି ଭିଜିଲାନ୍ସ ତାଙ୍କର ୮ଟି ସ୍ଥାନରେ ଚଢ଼ାଉ କରି ବହୁ ଆୟ ବହିଃର୍ଭୁତ ସମ୍ପତ୍ତି ଠାବ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କର ସମ୍ପତ୍ତିର ମୂଲ୍ୟ ତାଙ୍କ ଆୟ ତୁଳନାରେ ୧୨୩ ଭାଗ ଅଧିକ ବୋଲି ଭିଜିଲାନ୍ସ କହିଛି। ପଞ୍ଚାୟତ ରାଜ ଏବଂ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀ ରମେଶ ଜଣେ ସରକାରୀ ଅଧିକାରୀ ହୋଇଥିବାବେଳେ ସରକାରୀ ନିୟମକୁ ଉଲଙ୍ଘନ କରିଥିଲେ। ସେ ୨୦୨୧ ମସିହା ଜୁନରୁ ମାର୍କେଟ୍ ବିଲ୍ଡିଂ ପଛପାର୍ଶ୍ୱରେ ଥିବା ସରକାରୀ କ୍ୱାର୍ଟର (ଆଇଭି-ଏ ୪୬/୧)କୁ ୩ ଜଣଙ୍କୁ ଭଡ଼ାରେ ଲଗାଇଥିଲେ। ଭଡ଼ା ବାବଦକୁ ସେମାନଙ୍କଠାରୁ ରମେଶ ପ୍ରତି ମାସ ୧୨ ହଜାର ଟଙ୍କା ଫୋନପେ ଜରିଆରେ ନେଉଥିଲେ।ଭିଜିଲାନ୍ସ ଟିମ୍ ରମେଶଙ୍କୁ ତାଙ୍କ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା




ଭୁବନେଶ୍ୱର/କଟକ, ୦୯।୧୦ (ମହାଭାରତ.): କମିଶନରେଟ ପୋଲିସ ପକ୍ଷରୁ ପୂଜା ପାଇଁ ପ୍ରସ୍ତୁତି ବୈଠକ । ଭୁବନେଶ୍ୱର ୟୁପିଡିର ସମସ୍ତ ପୋଲିସ ଅଧିକାରୀଙ୍କ ସମେତ ଟ୍ରେନି ସବ୍ ଇନ୍ସପେକ୍ଟରମାନଙ୍କୁ ପୂଜାରେ କିଭଳି ଦାୟିତ୍ୱ ସମ୍ପର୍ଣ୍ଣ କରିବାକୁ ପଡିବ। ସେଥିପାଇଁ ଗୁରୁମନ୍ତ୍ର ଦେବେ ପୋଲିସ କମିଶନରୟ ରାଜଧାନୀରେ ପ୍ରତି ପୂଜା ମଣ୍ଡପରେ କିଭଳି ଶାନ୍ତି ଶୃଙ୍ଖଳା ରକ୍ଷା କରାଯିବ। ସାଧାରଣ ଲୋକେ କେଉଁଠାରେ ଟ୍ରାଫିକ ନିୟମ ମାନି ଗାଡି ପାର୍କ କରି ପୂଜା ମଣ୍ଡପ ସୁରୁଖୁରୁରେ ବୁଲିପାରିବେ ସେ ସମ୍ପର୍କରେ ଶିକ୍ଷା ଗ୍ରହଣ କରୁଛନ୍ତି । ଭୁବନେଶ୍ୱର ୟୁପିଡିର ସମସ୍ତ ଏସିପି , ଆଇଆଇସି , ଏସଆଇ , ଟ୍ରାଫିକ ପୋଲିସ ସମେତ ବିଏସଏଫର ଜବାନ ମାନେ ଉପସ୍ଥିତ ଅଛନ୍ତି। ସେହିପରି କଟକରେ ମଧ୍ୟ ଦଶହରା ପାଇଁ ପୋଲିସର ପ୍ରସ୍ତୁତି । ପୂଜା ଓ ଭସାଣୀରେ ମୁତୟନ ହେବ ୬୫ ପ୍ଲାଟୁନ ପୋଲିସ ଫୋର୍ସ, ଅତିରିକ୍ତ ଡିସିପି ରାଙ୍କର ୫ ଜଣ, ଡିଏସପି ରାଙ୍କର ୨୫ ଓ ଇନ୍ସପେକ୍ଟର ରାଙ୍କର ୩୦ ଅଧିକାରୀ ରହିବେ। ଏଥିସହ ଟ୍ରାଫିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।ତେବେ ଭସାଣୀରେ ରାତି ୧୨ ଟା ପରେ ବାଜିପାରିବ ପାରମ୍ପରିକ ବାଜା, ହେଲେ ସାଉଣ୍ଡ ଲିମିଟ ଅନୁସାରେ ବାଜା ବାଜିବା ବୋଲି କହିଛନ୍ତି କଟକ ଡିସିପି ଜଗମୋହନ ମିନା ।

## ଶ୍ରୀମନ୍ଦିରରେ ଦର୍ଶନ ପାଇଁ ହେବ ଧାଡ଼ି ବ୍ୟବସ୍ଥା

**ପୁରୀ, ୯।୧୦(ମହାଭାରତ):** ସୁବ୍ୟବସ୍ଥିତ ହେବ ଶ୍ରୀମନ୍ଦିର ଭିତର ଦର୍ଶନ। ଶ୍ରୀମନ୍ଦିର ଭିତରେ ଥିବା ନାଟମଣ୍ଡପରେ ସବୁ ଭକ୍ତ ଏଥର ମହାପ୍ରଭୁଙ୍କ ଆଖି ସହ ଆଖି ମିଶାଇ ଦର୍ଶନ କରିପାରିବେ। ନାଟମଣ୍ଡପରେ ଶୃଙ୍ଖଳିତ ଦର୍ଶନ ପାଇଁ ଭକ୍ତଙ୍କ ପାଇଁ ୬ଟି ଧାଡ଼ିର ବ୍ୟବସ୍ଥା କରାଯାଇଛି। ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ଓ ମହିଳାଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏଥିସହିତ ନାଟପଣ୍ଡପକୁ ଶୀତତାପ ନିୟନ୍ତ୍ରିଣ କରାଯାଇଛି।ଶ୍ରୀମନ୍ଦିରରେ ପ୍ରଥମେ ବାହାର ଶୃଙ୍ଖଳା ପରେ ଏବେ ଭିତରେ ଶୃଙ୍ଖଳା ଆଣିବାକୁ ଯାଉଛନ୍ତି ସରକାର। କାର୍ତ୍ତିକ ମାସ ପରେ ନାଟମଣ୍ଡପରେ ହେବ ଧାଡି ବ୍ୟବସ୍ଥା। ମହାପ୍ରଭୁଙ୍କୁ ସ୍ପଷ୍ଟ ଦେଖିବା ପାଇଁ ବାହାର କାଠ ପାଖରେ ଭକ୍ତଙ୍କ ପାଇଁ କାଠର ରାମ୍ପ ବ୍ୟବସ୍ଥା ହେବ। ଏନେଇ ଛତିଶାନିଯୋଗ ସହ ଆଲୋଚନା ହୋଇ ସହମତି ପ୍ରକାଶ ପାଇଛି।

## ୭ ଆଇଏଏସ୍‌ଙ୍କୁ ଦାୟିତ୍ୱ

**ଭୁବନେଶ୍ୱର,୯।୧୦(ମହାଭାରତ):** ରାଜ୍ୟ ସରକାର ୨୦୨୩ ବ୍ୟାଚର ୭ଜଣ ଆଇଏଏସଙ୍କୁ ବିଭିନ୍ନ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି। ଓଡ଼ିଶା କ୍ୟାଡ଼ରର ଏହି ୭ଜଣ ଅଫିସର ନିକଟରେ ବିଭିନ୍ନ ବ୍ଲକର ବିଡିଓ ଦାୟିତ୍ୱରେ ରହିଥିଲେ।

ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହିଞ୍ଜିଳିକାଟୁ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଆଇଏଏସ୍ ପ୍ରଣିତା ଦାଶଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ୨୦୨୩ ବ୍ୟାଚ୍ ଆଇଏଏସ୍ ଆସିନ୍ ଏଏଲଙ୍କୁ ରାଇରଙ୍ଗପୁର ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ, ଆଇଏଏସ୍ କସ୍ତୁରୀ ପଣ୍ଡାଙ୍କୁ ଭବାନୀପାଟଣା ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ, ଜେଜେସ୍ୱିନୀ ବେହେରାଙ୍କୁ ତାଳଚେର ମ୍ୟୁନିସପାଲଟି, ଦୁଧା ଅଭିଷେକ ଦିଲ୍ଲୀପଙ୍କୁ ଜଳେଶ୍ୱର ମ୍ୟୁନିସପାଲଟି, ପ୍ରେକ୍ଷା ଅଗ୍ରୱାଲଙ୍କୁ ଆନନ୍ଦପୁର ମ୍ୟୁନିସପାଲଟି ଏବଂ ଆଇଏଏସ୍ ସି ଶରଭାନନଙ୍କୁ ଝାରସୁଗୁଡ଼ା ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଫିସର ଭାବେ ନିଯୁକ୍ତି ମିଳିଛି।

ଏହି ସମସ୍ତ ମ୍ୟୁନିସପାଲଟିରେ ଆଇଏଏସ୍ ଅଫିସରମାନେ କାର୍ଯ୍ୟନିର୍ବାହୀ ଅଫିସର ଭାବେ ନିଯୁକ୍ତି ମିଳିବା ପରେ ସେଠାରେ ଦାୟିତ୍ୱରେ ଥିବା ଅଫିସରଙ୍କୁ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଫିସର ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମସ୍ତ ଅଫିସର ସେପ୍ଟେମ୍ବର ୨୭ରୁ ନଭେମ୍ବର ୧୭ତାରିଖ ପର୍ଯ୍ୟନ୍ତ ୩ ସପ୍ତାହ ପାଇଁ ଏହିଦାୟିତ୍ୱରେ ରହିବେ। ଏହି ୨୦୨୩ ବ୍ୟାଚର ଆଇଏଏସ୍ ଅଫିସରମାନେ ଏବେ ବିଭିନ୍ନ ବ୍ଲକର ବିଡିଓ ଭାବେ କାର୍ଯ୍ୟ କରିଫେରିଛନ୍ତି।

## ଭୁଶୁଡ଼ିଲା ନିର୍ମାଣାଧୀନ ଛାତ, ଜଣେ ମୃତ

**ଢେଙ୍କାନାଳ,୯।୧୦(ମହାଭାରତ):** ଢେଙ୍କାନାଳ ସହରର ମହିଷାପାଟରେ ୫୫ ନମ୍ବର ଜାତୀୟ ରାଜପଥ କଡ଼ରେ ବଡ଼ ଧରଣର ଅଘଟଣ ଘଟିଛି। ଏକ ନିର୍ମାଣାଧୀନ ୫ ମହଲା ବିଶିଷ୍ଟ ହୋଟେଲ କୋଠାର ପୋର୍ଟିକୋ ଛାତ ପଡୁଥିବା ବେଳେ ତାହା ଭୁଶୁଡ଼ି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟରେ ୧୨ଟି ଅଗ୍ନିଶମ ବାହିନୀ ଲାଗିଥିଲେ। ପ୍ରାୟ ୬ ଘଣ୍ଟା ପରେ ଉଦ୍ଧାର କାର୍ଯ୍ୟ ସରିଥିଲା। ଗୁରୁତର ଆହତ ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ଜଣଙ୍କର ଦୁଇଟି ଯାକ ହାତ କଟି ଯାଇଛି। ଡାହାଣ ହାତଟି କହୁଣୀ ପାଖରୁ କଟି ଯାଇଥିବା ବେଳେ ବାମ ହାତଟି ପାପୁଲି ପାଖରୁ କଟି ଯାଇଛି। ଉଭୟଙ୍କୁ ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ପରିଚୟ ମିଳିପାରିନି




## ଦଲିଆ ଖେଚୁଡ଼ି

ଆବଶ୍ୟକ ସାମଗ୍ରୀ: ଦଲିଆ, ଫୁଟଣ, ଭୃର୍ସୁଙ୍ଗ ପତ୍ର, କଟା ପିଆଜ, କଟା ଟମାଟୋ, କଟା ବିନ୍‌ସ, କଟାଗାଜର, ଫୁଲକୋବି, ମକା, ଗ୍ରୀନ ମଟର, ସିଝା ରାଜମା, ଚିନିବାଦାମ, ଗଜାମୁଗ, ଲୁଣ, ହଳଦୀ ଓ ରିଫାଇନ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦଲିଆରେ ଲୁଣ ଓ ହଳଦୀ ଦେଇ ସିଝାଇ ଦିଅନ୍ତୁ । ଏବେ ଏକ କଡ଼େଇରେ ତେଲ ଗରମ କରି ଫୁଟଣ, ଭୃର୍ସୁଙ୍ଗ ପତ୍ର, କଟା ପିଆଜ, କଟା ଟମାଟୋ ପକାଇ ଭାଜନ୍ତୁ । ଏସବୁ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ କଟା ବିନସ,ଛୋଟ ଛୋଟ ଖଣ୍ଡ ହୋଇଥିବା ଫୁଲ କୋବି, ମକା, ଗ୍ରୀନ ମଟର, ସିଝା ରାଜମା, ଚିନାବାଦାମ ଓ ଗଜାମୁଗ ପକାନ୍ତୁ। ଏହା ପରେ ହଳଦୀ ଗୁଣ୍ଡ, କଟା ଗାଜର ଓ ଆବଶ୍ୟକ ଅନୁଯାୟୀ ପାଣି ଦେଇ ଘୋଡ଼ଣୀ ଘୋଡ଼େଇ ଦିଅନ୍ତୁ । ୩ରୁ ୪ମିନିଟ ପରେ ପ୍ରସ୍ତୁତ ହୋଇଯିବ ଟେଷ୍ଟି ଆଣ୍ଡ ହେଲଦି ‘ଦଲିଆ ଖେଚୁଡ଼ି’ ।



**..... ପରଦା ଖବର .....**

## ‘ଭୁଲ୍ ଭୁଲେୟା-୩’ ଟ୍ରେଲର ରିଲିଜ




୨୦୨୪ର ବହୁ ପ୍ରତୀକ୍ଷିତ ଫିଲ୍ମ ‘ଭୁଲ୍ ଭୁଲୈୟା-୩’ର ଟ୍ରେଲର ରିଲିଜ ହୋଇଛି । ବଲିଉଡ ଷ୍ଟାର କାର୍ତ୍ତିକ ଆର୍ଯ୍ୟନ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି । ଟ୍ରେଲରରେ ବିଦ୍ୟା ବାଲାନ, ତୃପ୍ତି ଡିମରି, ମାଧୁରୀ ଦୀକ୍ଷିତ, ରାଜପାଲ ଯାଦବଙ୍କୁ ଦେଖିବାକୁ ମିଳିଛି । ଟ୍ରେଲର ରିଲିଜ ହେବା ପରେ ଫିଲ୍ମକୁ ନେଇ ପ୍ରଶଂସକଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି । ଫିଲ୍ମର ପ୍ରଯୋଜକ ଭୂଷଣ କୁମାର ଓ ନିର୍ଦ୍ଦେଶକ ଅନୀସଙ୍କ ଉପସ୍ଥିତିରେ ଜୟପୁରର ରାଜ ମନ୍ଦିର ସିନେମା ହଲରେ ଫିଲ୍ମର ଟ୍ରେଲର ରିଲିଜ କରାଯାଇଛି । ହରର-କମେଡି ଫିଲ୍ମ ‘ଭୁଲ୍ ଭୁଲୈୟା-୩’ର ଟ୍ରେଲରରେ କାର୍ତ୍ତିକ ଆର୍ଯ୍ୟନଙ୍କୁ ରୁହ ବାବା ଭୂମିକାରେ ଦେଖିବାକୁ ମିଳିଛି । ଏହି ଫିଲ୍ମରେ ରୁହ ବାବାଙ୍କୁ ଗୋଟିଏ ନୁହେଁ ବରଂ ଦୁଇ ଜଣ ମଞ୍ଜୁଲିକାଙ୍କୁ ସାମ୍ନା କରିବାକୁ ପଡ଼ିବ । ଟ୍ରେଲରରେ ବିଦ୍ୟା ବାଲନଙ୍କ ବ୍ୟତୀତ ମାଧୁରୀ ଦୀକ୍ଷିତ ମଞ୍ଜୁଲିକା ଭୂମିକାରେ ନଜର ଆସିଛନ୍ତି ।

## ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ଠିକ୍ ଉପାୟ

ସୂର୍ଯ୍ୟଙ୍କ ଜଳ ଦେବାର ଠିକ୍ ତରିକା ସମ୍ପର୍କରେ ଖୁବ୍ କମ ଲୋକ ଜାଣିଥିବେ । ହେଲେ ପ୍ରାୟ ୯୦ ଭାଗ ଲୋକ ସୂର୍ଯ୍ୟଙ୍କୁ ଜଳ ବା ଅର୍ଘ୍ୟ ଦେବାର ଠିକ୍ ତରିକା ଜାଣି ନାହାଁନ୍ତି । ଆଗରୁ ମୁନି-ଋଷିମାନେ ଯେଉଁ ଉପାୟରେ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରୁଥିଲେ ତାହାକୁ ଆଧୁନିକ ଯୁଗର ଡାକ୍ତରମାନେ ମଧ୍ୟ ଠିକ୍ ବୋଲି କହିଛନ୍ତି । ଯଦି ଆମେ ସୂର୍ଯ୍ୟଙ୍କୁ ଜଳ ଦେବାର ପ୍ରକୃତ ତରିକା ନ ଜାଣିବା ଏହା ଆମକୁ ଭଲ ଫଳ ଦେବା ପରିବର୍ତ୍ତେ ଖରାପ ଫଳ ଦେଇଥାଏ ।



ସୂର୍ଯ୍ୟଦେବ ଏକମାତ୍ର ଦେବତା ଯାହାଙ୍କୁ ଆମେ ଆଖିରେ ଦେଖି ପାରୁଛେ । ସୂର୍ଯ୍ୟଦେବ ପ୍ରକୃତି ଓ ଆମର ସ୍ୱାସ୍ଥ୍ୟର ଆଧାର ମଧ୍ୟ ଅଟନ୍ତି । ସୂର୍ଯ୍ୟଙ୍କର କିରଣରେ ବାକ୍ଟେରିଆ ଓ ଭାଇରସ ନଷ୍ଟ କରି ଆମକୁ ସବୁ ରୋଗରୁ ରକ୍ଷା କରିବାର ଶକ୍ତି ରହିଛି । ଆସନ୍ତୁ ଜାଣିବା ସୂର୍ଯ୍ୟଙ୍କୁ ଜଳ ଦେବାର ଠିକ୍ ନିୟମ । ସୂର୍ଯ୍ୟଙ୍କ ସପ୍ତ ରଂଗ କିରଣରୁ ଆମକୁ ଲାଭ ମିଳୁ, ଏଥିପାଇଁ ମୁନି-ଋଷିମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବାର ନିୟମ ବନାଇଛନ୍ତି । ଶାସ୍ତ୍ରରେ କୁହାଯାଇଛି ସୂର୍ଯ୍ୟଙ୍କ କିରଣ ଯେବେ ଆଖିକୁ କଷ୍ଟ ଦିଏ, ସେତେବେଳେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ଲାଭ ନାହିଁ । ଜଳର ଗଡୁଥିବା ଧାର ଦେଇ ସୂର୍ଯ୍ୟଙ୍କୁ ଦେଖିବାର ନିୟମ ରହିଛି । ଯାହାଦ୍ୱାରା ଜଳର ଧାରରୁ ସୃଷ୍ଟି ୭ ରଂଗର କିରଣ ଆମର ଆଖି କଳା ପୁତୁଳା ଦେଇ ଶରୀର ଗ୍ରହଣ କରେ । ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଦେବା ଦ୍ୱାରା ୭ ରଂଗ ଆମର ଶରୀର ଗ୍ରହଣ କରି ଶରୀରରେ ସକରାତ୍ମକ ଶକ୍ତି ପ୍ରବାହିତ କରିଥାଏ । ଭଗବାନ ସୂର୍ଯ୍ୟଙ୍କୁ ଜଳ ଦେବାର ଠିକ ତରିକା ଗ୍ରହଣ କରାନଗଲେ ଶରୀର ଉପରେ ଖରାପ ପ୍ରଭାବ ପଡିପାରେ । ଏହାଦ୍ୱାରା ଆଖି ମଧ୍ୟ ଖରାପ ହୋଇପାରେ । ତେଣୁ ଜଳ ଧାର ଗଡ଼ିବା ପରେ ଜଳ ଧାର ମଧ୍ୟ ଦେଇ ସୂର୍ଯ୍ୟଙ୍କୁ ଦେଖିବା ନିୟମ ରହିଛି ।

## ନବରାତ୍ରିରେ ଘଟ ସ୍ଥାପନା ପୂର୍ବରୁ ଯଅ ବୁଣିବାର ପରମ୍ପରା

ନବରାତ୍ରି ପ୍ରତିପଦା କଳସ ସ୍ଥାପନା ସହ ଆରମ୍ଭ ହୋଇଥାଏ । ଘଟ ସ୍ଥାପିତ କରିବା ପୂର୍ବରୁ ସଫା ମାଟି ଯଅ ବୁଣିବାର ପରମ୍ପରା ରହିଛି । ବ୍ରତ ସମୟରେ ଏହି ଯଅ ଯେପରି ଭଲ ଭାବେ ବଢିବ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଏ । ଘଟ ସ୍ଥାପନା ପୂର୍ବରୁ ଧାନ ବୁଣିବାର ଧାର୍ମିକ ମହତ୍ତ୍ୱ ରହିଛି । ପୌରାଣିକ ବିଶ୍ୱାସ ଅନୁଯାୟୀ, ଯେତେବେଳେ ପରମପିତା ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ସେତେବେଳେ ସମସ୍ତ ବସ୍ତୁ ନିଜର ମୌଳିକ ପ୍ରକୃତିରେ ଥିଲେ । ନବରାତ୍ରି ନାଁରେ ଯେଉଁ ପ୍ରଥମ ଫସଲ ବିକଶିତ ହୋଇଥିଲା ତାହା ଯଅ ଥିଲା । ସେଥିପାଇଁ ନବରାତ୍ରି ପୂର୍ବ ଦିନ ଘଟ ସ୍ଥାପନା କରିବା ପୂର୍ବରୁ ପୁରା ବିଧି ବିଧାନ ସହ ଯଅ ବୁଣିବାର ପରମ୍ପରା ଚାଲିଆସିଛି । ଧାର୍ମିକ ବିଶ୍ୱାସ ଅନୁଯାୟୀ, ଯଅକୁ ବ୍ରହ୍ମାଙ୍କ ପ୍ରତୀକ ବୋଲି କୁହାଯାଏ । ସେଥିପାଇଁ ସର୍ବ ପ୍ରଥମେ ଯଅକୁ ପୂଜା କରାଯାଇଥାଏ



ଏବଂ ଘଟ ସ୍ଥାପନା ପୂର୍ବରୁ ସ୍ଥାପିତ କରାଯାଇଥାଏ । ଧାର୍ମିକ ବିଶ୍ୱାସ ଅନୁସାରେ ନବରାତ୍ରିରେ ବୁଣା ଯାଇଥିବା ଯଅ ଯେତିକି ଶୀଘ୍ର ବଢେ ସେତିକି ଶୀଘ୍ର ଜାତକ ମଧ୍ୟ ଉନ୍ନତି କରିଥାଏ । ନବରାତ୍ରି ସମୟରେ ଯଦି ଯଅ ଭଲ ଭାବେ ନ ବଢେ ତାହେଲେ ପୂଜା ସମାପନ ଅର୍ଥାତ ଅଷ୍ଟମୀ ଦିନ ବ୍ରତ ସମାପନ ପୂର୍ବରୁ ମା ନବଦୁର୍ଗାଙ୍କୁ ପ୍ରାର୍ଥନା କରିବେ ଏବଂ ନିଜ ଭୁଲ ପାଇଁ କ୍ଷମା ମାଗନ୍ତୁ । ନିଜ ଜୀବନରେ ମାଙ୍କ ଆଶୀର୍ବାଦ ବଜାୟ ରଖିବାକୁ ଏବଂ ସମସ୍ତ ବିପତ୍ତିରୁ ରକ୍ଷା କରିବାକୁ ମାଙ୍କୁ ପ୍ରାର୍ଥନା କରନ୍ତୁ । ଏହାସହ ୨୦୦୮ ଥର ମା’ଦୁର୍ଗାଙ୍କ ବୀଜ ମନ୍ତ୍ର ଜପ କରିବା ଉଚିତ ।

## ଦଶହରାରେ କେଉଁ କାରଣରୁ ସଜାଯାଏ ଗେଣ୍ଡୁଫୁଲ



ଦଶହରା ପର୍ବ ବିଜୟର ପ୍ରତୀକ। ଏହି ଦିନରେ ପ୍ରକୃତି ବେଶ ଶସ୍ୟଶ୍ୟାମଳା ରହିଥାଏ। ତେବେ ଆପଣ ଜାଣନ୍ତି କି, ଏହି ଦଶହରା ପର୍ବରେ ଗେଣ୍ଡୁଫୁଲ ସଜାଇବାର କାରଣ କ’ଣ ? ବାସ୍ତବରେ ଏହି ସମୟରେ ଗେଣ୍ଡୁଫୁଲ ଉପଲବ୍ଧ ଓ ଏହାର ଧାର୍ମିକ ମହତ୍ୱ ମଧ୍ୟ ରହିଛି।

୧- ଗେଣ୍ଡୁଫୁଲର ରଙ୍ଗ କେଶରୀ ସହ ଅନ୍ୟ ରଙ୍ଗର ମଧ୍ୟ ରହିଛି। ମାତ୍ର କେଶରୀ ରଙ୍ଗ (ଗାଢ ପିତ) ରଙ୍ଗ ବିଜୟ, ହର୍ଷ, ଉଲ୍ଲାସର ପ୍ରତିନିଧିତ୍ୱ କରିଥାଏ। ଏହି ଫୁଲର ଧାର୍ମିକ ମହତ୍ୱ ଅନ୍ୟ ଫୁଲ ତୁଳନାରେ ଅଧିକ ବୋଲି କୁହାଯାଏ। ଏହାର ରଙ୍ଗ ମନକୁ ବେଶ ପ୍ରଫୁଲ୍ଲିତ କରିଥାଏ। ଏହି ଫୁଲକୁ ଶୁଭତ୍ୱର ପ୍ରତୀକ ବୋଲି କୁହାଯାଏ। କେଶରୀ ମିଶ୍ରିତ ହଳଦିଆ। ରଙ୍ଗ ଓ କେଶରୀ ମିଶ୍ରିତ ଲାଲ ରଙ୍ଗ ଗେଣ୍ଡୁଫୁଲ ହିଁ ପୂଜା ପାଇଁ ସର୍ବଶ୍ରେଷ୍ଠ ବୋଲି କୁହାଯାଏ। ପ୍ରକୃତି ଦ୍ୱାରା ଏହା ପର୍ବ ପାଇଁ ଉଦପହାର ସଦୃଶ ହେବା ସହ ପ୍ରକୃତି ପର୍ବ ପ୍ରତି ନିଜର ସ୍ନେହ, ସମ୍ମାନ ଓ ପ୍ରସନ୍ନତା ଏହା ମାଧ୍ୟମରେ ଦର୍ଶାଇଥାଏ। ଏହାର ସ୍ୱତନ୍ତ୍ର ଧାର୍ମିକ ମହତ୍ୱ ଅନୁଯାୟୀ, ବିଜୟ ପର୍ବରେ ଗେଣ୍ଡୁଫୁଲ ସଜାଇବା ଓ ପୂଜାରେ ଅର୍ପଣ କରିବାର ମହତ୍ୱ ରହିଛି। ଏହାକୁ ସୂର୍ଯ୍ୟଙ୍କ ପ୍ରତୀକ ମଧ୍ୟ କୁହାଯାଏ। ପ୍ରାଚୀନ ଗ୍ରନ୍ଥରେ ଏହି ଫୁଲ ସୁନ୍ଦରତା ଓ ଶକ୍ତିର ପ୍ରତୀକ ବୋଲି କୁହାଯାଏ। ଏହି ଫୁଲ ବିନା ଶବ୍ଦରେ ବିଜୟର ପର୍ବ ପ୍ରତି ନିଜର ପ୍ରସନ୍ନତା ପ୍ରକାଶ କରିଥାଏ। ଏହା ଦିବ୍ୟ ଶକ୍ତିଙ୍କ ସହ ସତ୍ୟର ପ୍ରତୀକ ବୋଲି କୁହାଯାଏ। ଏହାର ଲାଲ ମିଶ୍ରିତ ହଳଦିଆ। ରଙ୍ଗ ଭଗବାନଙ୍କ ପ୍ରତି ସମର୍ପଣର ପ୍ରତୀକ ବୋଲି କୁହାଯାଏ। ଏହାର ବାସ୍ନା ସମସ୍ତ ନକରାତ୍ମକ ଶକ୍ତିର ନାଶ କରିଥାଏ। ଏହା ମାନସିକ ଦୁଶ୍ଚିନ୍ତା ଦୂର କରିଥାଏ। ସମଗ୍ର ବାତାବରଣକୁ ମଧ୍ୟ ଶୁଦ୍ଧ ଓ ଶାନ୍ତି ପ୍ରଦାନ କରିଥାଏ।

ଏହି ଫୁଲ ପ୍ରାକୃତିକ ରୂପରେ ବିଭିନ୍ନ କୀଟ ପତଙ୍ଗକୁ ପରିବେଶରୁ ଦୂରେଇ ରଖେ। ଦଶହରାରୁ ଦୀପାବଳୀ ଯାଏଁ ଏହି ଫୁଲକୁ ପୂଜାରେ ବହୁଳ ପରିମାଣରେ ବ୍ୟବହାର କରାଯାଏ।

## ଚା’ପତିରୁ ତିଆରି କରନ୍ତୁ ସ୍କ୍ରବ୍

ମହାମାରୀ କାରଣରୁ ଯୁବତୀ ଓ ମହିଳାମାନେ ପାର୍ଲର ଯିବାକୁ ବର୍ତ୍ତମାନ ସୁରକ୍ଷିତ ମଣୁନାହାନ୍ତି। ଘରୋଇ ଉପଚାର କରିବା ହିଁ ସବୁଠୁ ଉତ୍ତମ ଉପାୟ। କେମିକାଲ୍ ଭରପୂର ବଜାରରୁ ସ୍କ୍ରବ୍ କିଣିବା ପରିବର୍ତ୍ତେ ଘରେ ଅଳ୍ପ ସମୟରେ ସ୍କ୍ରବ୍ ତିଆରି କରିପାରିବେ। ଏହାକୁ ନିୟମିତ ଉପଯୋଗ କଲେ ମଧ୍ୟ ତ୍ୱଚା



ଉପରେ କୁପ୍ରଭାବ ପଡ଼େନାହିଁ। ଆବଶ୍ୟକ ସାମଗ୍ରୀମାନ ହେଲା ୨କପ୍ ଚିନି, ୪ ଚାମଚ ଚା’ ଗୁଣ୍ଡ, ୧ଚାମଚ ନଡ଼ିଆ ତେଲ ଓ ଏୟାର୍-ଟାଇଟ୍ ଡବା। ପ୍ରଥମେ ଏକ ବଡ଼ ପାତ୍ର ନେଇ ସେଥିରେ ଚିନି ଓ ଚା’କୁ ଭଲରେ ମିଶାଇ ଦିଅନ୍ତୁ। ଏବେ ଭଲରେ ଗ୍ରାଇଣ୍ଡିଂ କରି ପାତ୍ରକୁ କାଢ଼ିନେବେ। ଅନ୍ୟ ଏକ ପାତ୍ରରେ ତେଲ ନେଇ ନଖଉଷୁମ କରି ରଖନ୍ତୁ। ଏବେ ସମସ୍ତ ସାମଗ୍ରୀକୁ ଭଲରେ ଗୋଟିଏ ପାତ୍ରରେ ମିଶାଇ ମିଶ୍ରଣ ଗାଢ଼ ହେବା ପର୍ଯ୍ୟନ୍ତ ଚାମଚରେ ମିଶାଇବେ। ଏବେ ସେହି ମିଶ୍ରଣକୁ ଏୟାର-ଟାଇଟ୍ ଡବାରେ ଭର୍ତ୍ତି କରି ୧ ସପ୍ତାହ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ। ସ୍ନାନ ପୂର୍ବରୁ ତ୍ୱଚା, ହାତ, ଗୋଡ଼ରେ ଲଗାଇ ମାଲିସ୍ କରି ପରେ ଉଷୁମ ପାଣିରେ ଧୋଇନେବେ। ଏହି ସ୍କ୍ରବ୍ ତ୍ୱଚାକୁ କୌଣସି କ୍ଷତି ପହଞ୍ଚାଇନଥାଏ ବରଂ ତ୍ୱଚାରେ ଏକ ଚମକ ଆସିଥାଏ।

# ସମାଜ ପାଇଁ ବିପଜ୍ଜନକ

ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଅଧିକାଂଶ ରାଜନୈତିକ ଦଳ ଏଭଳି ଚିନ୍ତାଧାରାର ବଶବର୍ତ୍ତୀ ହୋଇଛନ୍ତି। କିଏ କାହିଁକି ଏକଥା ଉଠାଇଲା ତାହା ପ୍ରଶ୍ନବାଚୀ। କେବଳ ସମାଜକୁ ଜାତି ଭିତ୍ତିରେ ବିଭାଜିତ କରିବା ଏବଂ ଜାତିଭିତ୍ତିକ ବିଭେଦ ସୃଷ୍ଟି କରିବା ହେଉଛି ଏହା ଉଦ୍ଦେଶ୍ୟ। ଏହା ଏକ ଦେଶ ବିରୋଧୀ ଚିନ୍ତାଧାରା। ତେବେ ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଏହା ଉପରେ ସ୍ୱତନ୍ତ୍ର ମତ ଉପସ୍ଥାପନ କରାଯାଇଛି। ଆରଏସଏସ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ହେଲେ ଜାତି ଭିତ୍ତିକ ଜନଗଣନାର ଆବଶ୍ୟକତା ଥାଇପାରେ। କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରାଗଲେ ତାହା ବୁମେରାଂ ହେବ। ବିଜେପିର ମତ ବି ସମାନ। ୟୁପି, ବିହାର, ତାମିଲନାଡୁ ଇତ୍ୟାଦି ରାଜ୍ୟରେ ଜାତିଗତ ରାଜନୀତି ବେଶ ଉତ୍କଟ। ତେଣୁ ସେହିସବୁ ରାଜ୍ୟର ରାଜନୈତିକ ଦଳମାନେ ଏଭଳି ଦାବି କରିବା ସ୍ୱାଭାବିକ। ଭାରତୀୟ ସମାଜରେ ସବୁଠାରୁ ବଡ଼ ଦୁର୍ବଳତା ଏବଂ ତ୍ରୁଟି ହେଲା ଜାତିଗତ ବିଭେଦ। ହଜାର ହଜାର ବର୍ଷ ହେବ ଭାରତରେ ଏହି ଜାତି ବିଭେଦ ଯୋଗୁ ଅନେକ ଅନ୍ୟାୟ ଏବଂ ଶୋଷଣର ଶିକାର ହୋଇଛନ୍ତି। ଆଶା କରାଯାଉଥିଲା ଯେ, ସ୍ୱାଧୀନତା ପରେ ସ୍ୱାଧୀନ ଭାରତରେ ଜାତିଗତ ବିଭେଦ ରହିବ ନାହିଁ ଏବଂ ସମସ୍ତ ଭାରତବାସୀ ନିଜକୁ କେବଳ ଭାରତୀୟ ବୋଲି ପରିଚୟ ପ୍ରଦାନ କରିବେ। କିନ୍ତୁ ରାଜନୈତିକ ଷଡ଼ଯନ୍ତ୍ରରୁ ଏହି ଆଶା ନୈରାଶ୍ୟରେ ପରିଣତ ହେଲା। ପ୍ରଥମେ ସମ୍ବିଧାନରେ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ହେଲା। ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ଲାଗି ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସଂରକ୍ଷଣ ବ୍ୟବସ୍ଥା କରାଗଲା। କିନ୍ତୁ ବାବା ସାହେବ ଆମ୍ବେଦକର ଯେତେବେଳେ ଏହି ସଂରକ୍ଷଣ ବ୍ୟବସ୍ଥା କଲେ ସେତେବେଳେ ସେ ଭାବିନଥିଲେ ଯେ, ଏହି ବ୍ୟବସ୍ଥା ଭାରତୀୟ ସମାଜ ଲାଗି ଏକ ଅଭିଶାପରେ ପରିଣତ ହେବ। ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିବ ଏକଥା ସେ ଚିନ୍ତା କରିପାରିନଥିଲେ। କିନ୍ତୁ ଭାରତୀୟ ରାଜନୈତିକ ଦଳଗୁଡ଼ିକ କେବଳ ଭୋଟ ବ୍ୟାଙ୍କ ନିମନ୍ତେ ଏହାର ଅବଧିକୁ ବଢ଼ାଇ ଚାଲିଛନ୍ତି। ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, କୌଣସି ପରିସ୍ଥିତିରେ ମଧ୍ୟ ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ ହେବ ନାହିଁ। କିନ୍ତୁ ଏବେ ଏହାର ଉଲ୍ଲଘଂନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ୧୯୯୦ରେ ଭି ପି ସିଂହ ସରକାର ମଣ୍ଡଳ କମିଶନ ସୁପାରିସ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ଫଳରେ ଓବିସି ବର୍ଗ ପାଇଁ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହେଲା। ଏହା ଦ୍ୱାରା ଭାରତରେ ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଆହୁରି ଜଟିଳ ହୋଇଗଲା। ସାମାଜିକ ବ୍ୟବସ୍ଥା ଆହୁରି ଖରାପ ହୋଇଗଲା। ଏବେ ଏହାକୁ ଆହୁରି ସମ୍ପ୍ରସାରିତ କରିବାକୁ ଉଦ୍ୟମ ହେଉଛି। ବିହାର ସରକାର ଏଥିପାଇଁ ଜିତିଭିତ୍ତିକ ଜନଗଣନା କରିଛନ୍ତି। ଏହାକୁ କଂଗ୍ରେସ ମଧ୍ୟ ସମର୍ଥନ କରୁଛି ଏବଂ ସାରା ଦେଶରେ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରୁଛି। ଜାତି ଭିତ୍ତିରେ ଭାରତକୁ ଭାଗ ଭାଗ କରିବାକୁ ଏହା ପଥ ଉନ୍ମୁକ୍ତ କରିଦେବ ସେଥିରେ ସନ୍ଦେହ ନାହିଁ। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ବେଳେ ଏକ ଜନସଭାରେ କହିଥିଲେ ଯେ, କଂଗ୍ରେସ କେନ୍ଦ୍ରରେ କ୍ଷମତାକୁ ଆସିଲେ ଜାତିଭିତ୍ତିକ ଜନଗଣନା କରାଇବ। କର୍ଣ୍ଣାଟକରେ କଂଗ୍ରେସ ସରକାର ଏଥିଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାହୁଲ ଯାହା କହିଛନ୍ତି ତାହା ବିସ୍ମୟଜନକ ଏବଂ ସମାଜ ପାଇଁ ବିପଜ୍ଜନକ। ସେ କହିଛନ୍ତି ଯେ, ଦେଶର ମୋଟ ଜନସଂଖ୍ୟାର ୫୦ ପ୍ରତିଶତ ହେଉଛନ୍ତି ଓବିସି ବର୍ଗର। କିନ୍ତୁ କେନ୍ଦ୍ରରେ ବିଭିନ୍ନ ବିଭାଗର ସଚିବ ପଦରେ ଥିବା ଆଇଏଏସଙ୍କ ମଧ୍ୟରୁ ମାତ୍ର ୩% ହେଉଛନ୍ତି ଓବିସି ବର୍ଗର।

# ମାଟି, କୃଷି ଓ ଚାଷୀ

**ll ଡି ଶୁଭମ୍ ll**

*କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି।*

ସାମ୍ପ୍ରତିକ ସମୟର ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି। ଏକ ନିରୀହ ଚାହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ। ସେଇଥି ପାଇଁ ତ ସେ ମହାନ। ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍‌ରେ ରଖିଥାନ୍ତି। ଏକଥା ସତ। କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ।

ତିନି ବର୍ଷ ତଳେ ଯେତେବେଳେ କୃଷି ସ୍ନାତକରେ ଚତୁର୍ଥ ବର୍ଷରେ ପଢୁଥିଲି, କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି । ମନରେ ତ ଭୟ ଥିଲା ନିଶ୍ଚୟ। ଚାରି ବର୍ଷର ପାଠପଢ଼ାକୁ ମୁଁ ସେମାନଙ୍କୁ କହିବାକୁ ଯାଉଛି, ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି। ସେଇଥି ଘର , ସେଇଠି ସ୍ୱର୍ଗ। ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ। କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା। ଅର୍ଥାତ ଏଇ ଚାରି ଘଣ୍ଟାର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ। ସେ ମୁହୂର୍ତ୍ତ ସତରେ ସ୍ମରଣୀୟ। ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ?

ଆଉ ସେହିଠାରେ ଜାଣିବାକୁ ପାଇଲି ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ଆଉ ମୁଁ ତ ଏହାର ଭୁକ୍ତଭୋଗୀ। ପ୍ରଥମ ବର୍ଷ ଯେବେ କୃଷି ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ। ପୁଅ ଚାଷ କରିବ ବଡ଼ ହୋଇ , ଆମ ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି। ଏମିତି ଅନେକ। ସେତେବେଳେ ତ କିଛି ବୁଝିପାରି ନଥିଲି। କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ? ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି। ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ। ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି। ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି। ଅନେକ କିଛି ଶିଖିଛି। ଅନେକ ଚାଷୀଙ୍କ ସହ ମିଶିଛି। ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି। ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି। ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ, ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ। ମନେ ମନେ ଭାବିଲି, ଆମେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚାକିରିର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ। ନା ପ୍ୟାକେଜ , ନା ହାକିମ ହେବାର ଇଚ୍ଛା। ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ। ବାସ ଚାଷ ଜମିରେ କେଇ ଘଣ୍ଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ। କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ। ମାଟି କୃଷିର ଏକ୍ତିଆରଶାଳ। ମୁଦ୍ରାର ଦୁଇପାର୍ଶ୍ୱ ପରି ଉଭୟେ ଅଙ୍ଗାଅଙ୍ଗୀ ଭାବେ ଜଡିତ। ଜଣକ ବିନା ଅନ୍ୟଟି ନିରୁପାୟ। ମାଟି ଉପରେ ହିଁ ଚ଼ାଷ କରେ କୃଷକ। ବିପିତ ବିହନ ଗଜାମେଲେ, କର୍ଷଣରେ ଭରିଦିଏ କୃଷକ। ସବୁର ଆଧାର ମାଟି। ନିଜର ସ୍ୱାର୍ଥକୁ ଚ଼ରିତାର୍ଥ କରିବାପାଇଁ ମଣିଷ କ'ଣ ବା ନକରୁଛି? ମାଟି ବୋଲି ଗୋଟିଏ ଶବ୍ଦ ଅଛି ବୋଲି ବି ଆଜି ସେ ଭୁଲିଯାଇଛି। ଜୀବନରେ ସଂଜ୍ଞା ବଦଳିଛି ସତ ଆଉ ତାଭିତରେ ମାଟିର ସଂଜ୍ଞା ଆଜି ଅସ୍ଥିର ପ୍ରାୟ।

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଳିମୁଣ୍ଡକୁ ଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି। ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡ଼ି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ। ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚ଼ିତ୍କାର କରୁଛି।

ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି। ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି। ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୨୫ ବେଳକୁ କୃଷି ପାଇଁ ଜମି ନଥିବ। ସେତେବେଳେ ମଣିଷ କରିବ କ'ଣ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚ଼ରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ?

ବ୍ୟବହୃତ ରାସାୟନିକ ସାରର ଅଧିକାଂଶ ମଣିଷ ଖାଦ୍ୟ ଭାବେ ଗ୍ରହଣ କରୁଛି। ଏହା ଜାଣି ବି ସବୁ ଅଜଣା। ତେବେ ମୃତ୍ତିକା ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛି ସତ ସବୁ କାଗଜ କଲମରେ ରହିଯାଉଛି। କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛଁି। ଏହାକୁ କାର୍ଯ୍ୟକାରୀ ବି କରୁଛନ୍ତି। ନିକଟରେ ଜଳସେଚ଼ନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା। ପରନ୍ତୁ ଦୁଃଖର ବିଷୟ ମୃତ୍ତିକା ସଂରକ୍ଷଣ ପାଇଁ ସେମିତି କିଛି ଯୋଜନା ପ୍ରଣୟନ ହେଉନି। ଆଜିବି ଅନେକଙ୍କ ଅଜ୍ଞାତ ଦ୍ୱାରରେ ବିଶ୍ୱ ମୃତ୍ତିକା ଦିବସ। କେତକ କୃଷି ଛାତ୍ର, ବୈଜ୍ଞାନିକ ଆଉ ଅଫିସରଙ୍କୁ ଛାଡିଦେଲେ ବୋଧହୁଏ ଆଉ କେହି ଶୁଣିବି ନଥିବେ। ତେବେ କୃଷି ପାଇଁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜମିରେ ଝାଳ ବୁହାଇଥିବା ଚ଼ାଷୀ ଭାଇଟିଏ ଜାଣିଛି। ହେଲେ ବିଳାସବ୍ୟସନରେ ଜୀବନ ନିଭାଉଥିବା ମଣିଷ ଜାଣିନି। ମୋ ଲେଖିବାର ଅଭିପ୍ରାୟ ମୁଁ ନିଜେ କୃଷି ସ୍ନାତକ ଅଧ୍ୟୟନରତ। ପରନ୍ତୁ ଦୁଃଖର ବିଷୟ ବିଶ୍ୱ ମୃତ୍ତିକା ଦିବସ ଖାଲି ଦିବସରେ ରହିଯାଉଛି।

ମୃତ୍ତିକା ସଂରକ୍ଷଣ ପାଇଁ ନୂତନବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଉଛି। ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ। ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଆନ୍ତା, ସୁଫଳ ମିଳିବାଟା ଥୟ। ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର। ଚାଷକୁ ଭଲପାଇବାର ।। ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା। କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା। ଆମ ଚାଷୀ ଆମ ଦେଶର ବଳ। ଆମ ଶକ୍ତି ଆଉ ଚେତନାର ପରିମାପକ। ଆମ ସଂସ୍କୃତିର ମୂଳାଧାର। ସେ ଚାଷୀକୁଳକୁ ମୋର କୋଟି ନମନ ...

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା , ଭୁବନେଶ୍ୱର)

# ଆଧୁନିକ ପଦାର୍ଥ ବିଜ୍ଞାନର ଜନକ

**ll ଡକ୍ଟର ରାଜକିଶୋର ମିଶ୍ର ll**

ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କୁ ଆଧୁନିକ ପଦାର୍ଥ ବିଜ୍ଞାନର ଜନକ କୁହାଯାଇଥାଏ । ସେ ସୈଦ୍ଧାତିକ ଭୌତିକ ବିଜ୍ଞାନ, ବିଶେଷତଃ ଆଲୋକ ବିଦ୍ୟୁତ୍ ବିକିରଣର ସନ୍ଧାନ ପାଇଁ ୧୯୨୧ ମସିହାରେ ନୋବେଲ ପୁରସ୍କାର ପାଇଥିଲେ । ପଦାର୍ଥ ବିଜ୍ଞାନ ଗବେଷଣା କ୍ଷେତ୍ରରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ଆଇନ୍‌ଷ୍ଟାଇନ୍ ମୁଖ୍ୟତଃ ଆପେକ୍ଷିକ ତତ୍ତ୍ୱ ଏବଂ ବସ୍ତୁତ୍ୱ ଶକ୍ତି ସମୀକରଣ 'ଇ=ଏମ୍‌ସି ସ୍କୋୟାର୍' ଥିଓରୀର ଉଦ୍ଭାବନ ପାଇଁ ଜଣାଶୁଣା । ଏହାବ୍ୟତୀତ ସାଧାରଣ ଆପେକ୍ଷିକ ତତ୍ତ୍ୱ, ବିଶେଷ ଆପେକ୍ଷିକ ତତ୍ତ୍ୱ, ବିଦ୍ୟୁତ୍ ଚୁମ୍ବକୀୟ ପ୍ରଭାବ, ବସ୍ତୁତ୍ୱ ଶକ୍ତି ସମୀକରଣ, ବ୍ରାଉନିଆନ୍ ଗତି ତତ୍ତ୍ୱ, ଆଇନ୍‌ଷ୍ଟାଇନ୍ ସମୀକରଣ, ବୋଷ ଆଇନଷ୍ଟାଇନ୍ ପରିସଂଖ୍ୟାନ, ୟୁନିଫାଏଡ୍ ଫିଲ୍ଡ ଥିଓରୀ, ଇପିଆର୍ ପାରାଡକ୍ସ ଆଦି ସିଦ୍ଧାନ୍ତର ଉଦ୍ଭାବନ କରିଥିଲେ । ଆଇନ୍‌ଷ୍ଟାଇନ୍ ୫୦ରୁ ଅଧିକ ବିଜ୍ଞାନ ଗବେଷରା ପତ୍ର ଓ ପୁସ୍ତକ ଲେଖିଯାଇଛନ୍ତି । ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ବିବେଚନା କରାଯାଇଥାଏ । ତାଙ୍କର ପ୍ରଖର ବୁଦ୍ଧିମତା ଅତୁଳନୀୟ । ୧୪ ମାର୍ଚ୍ଚ ୧୮୭୯ରେ ଜର୍ମାନୀର ବୁଟେମ୍‌ବର୍ଗର ଏକ ଇହୁଦୀ ପରିବାରରେ ଆଇନ୍‌ଷ୍ଟାଇନ୍ ଜନ୍ମ ଗ୍ରହଣ କରିଥିଲେ । ପିଲାବେଳେ ଠିକ୍ ଭାବେ କଥା କହିପାରୁନଥିବା ଆଇନ୍‌ଷ୍ଟାଇନ୍ ଜଣେ ମେଧାବୀ ଛାତ୍ର ଥିଲେ ।

ପିଲାଟି ଦିନରୁ ଆଇନଷ୍ଟାଇନ୍ ସର୍ବଦା ନିଃସଙ୍ଗତାକୁ ଭଲ ପାଉଥିଲେ। ଏବଂ ଅନେକ ସମୟ ସିଏ ବଡ଼ଲୋକଙ୍କ ପରି କିଛି ଚିନ୍ତା କରୁଥିବା ପରି ତାଙ୍କ ଆଚରଣ ବାହାରକୁ ପ୍ରଦର୍ଶିତ ହେଉଥିଲା। ତେବେ ଆଇନଷ୍ଟାଇନ୍‌ଙ୍କର ପିତା ଜଣେ ଇଞ୍ଜିନିୟର ଥିବାରୁ ସେ ଚାହୁଁଥିଲେ ତାଙ୍କ ପୁଅଟି ଜଣେ ଦକ୍ଷ ଇଞ୍ଜିନିୟର ହେଉ। ତେବେ ତାଙ୍କୁ ପନ୍ଦର ବର୍ଷ ବୟସ ହେବାପୂର୍ବରୁ ସେ ସକ୍ରେଟିସ୍, ଇଉକ୍ଲିଡ୍, ନିଉଟନ୍, ସିନୋଜା, ବିଥୋଭେନ୍, ହେନ୍ ମେ କାଟ୍ ପ୍ରଭୃତି ମହାମନୀଷୀଙ୍କର ରଚିତ ଗ୍ରନ୍ଥସବୁ ଅଧ୍ୟୟନ କରିଥିଲେ। ଏତେ ପଢୁଥିଲେ ମଧ୍ୟ ବେଳେ ବେଳେ ସେ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିଲେ। ସେ ଥରକରେ ମାଟ୍ରିକ୍ୟୁଲେସନ ପାଶ୍ କରିପାରି ନଥିଲେ। କିନ୍ତୁ ତାଙ୍କର ମନୋବଳ କେବେ ବି ଭାଙ୍ଗିପଡୁ ନଥିଲା। ବହୁ ପୁସ୍ତକ ଅଧ୍ୟୟନକୁ ସେ ତାଙ୍କର ଜୀବନର ଲକ୍ଷ୍ୟ ବୋଲି ଧରିନେଇଥିଲେ। ପିଲାଦିନରୁ ପଦାର୍ଥ ବିଜ୍ଞାନ ଓ ଗଣିତ ଶାସ୍ତ୍ର ପ୍ରତି ବିଶ୍ୱର ଆଇନ୍‌ଷ୍ଟାଇନ୍‌ଙ୍କର ଦୁର୍ବଳତା ରହିଥିଲା ତେବେ ଜୀବିକାର୍ଜନ ପାଇଁ କୌଣସି ମତେ ଶିକ୍ଷକତା କରି ନିଜ ଦାୟିତ୍ୱ ତୁଲାଇବା ପାଇଁ ସେ ସ୍ଥିର କଲେ। ମାନ-ସମ୍ମାନ, ଖ୍ୟାତି-କ୍ଷମତା ଠାରୁ ଦୂରରେ ରହି ଏହି ନିରଳସ ନୀରବ ଗବେଷକ ଦୀର୍ଘ ଛବିଶ ବର୍ଷ ତାଙ୍କର ଗବେଷଣା ଚଳାଇ ୧୯୦୫ ଖ୍ରୀଷ୍ଟାବ୍ଦଠାରୁ ପଦାର୍ଥବିଜ୍ଞାନ ସମ୍ପର୍କରେ ତାଙ୍କର ସନ୍ଦର୍ଭମାନ ପ୍ରକାଶ କରିବାକୁ ଲାଗିଲେ। ତାଙ୍କର ବିଶେଷ ଆପେକ୍ଷିକ ତତ୍ତ୍ୱ ତାଙ୍କୁ ସମଗ୍ର ଜଗତ୍‌ରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ରୂପେ ପରିଚିତ କରାଇଲା। ବିଶ୍ୱବାସୀଙ୍କର ଶ୍ରଦ୍ଧାଞ୍ଜଳି ତାଙ୍କରି ପାଦତଳେ ଅଜାଡ଼ି ହୋଇପଡ଼ିଲା। ୧୯୦୯ରେ ଜୁରିଚ୍ ବିଶ୍ୱବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକରୂପେ ସେ ଯୋଗଦାନ କଲେ। ୧୯୨୧ ଖ୍ରୀଷ୍ଟାବ୍ଦରେ ସେ ବ୍ରିଟିଶ ରୟାଲ୍ ସୋସାଇଟିର ସଭ୍ୟରୂପେ ନିର୍ବାଚିତ ହେଲେ ଓ ୧୯୨୨ ମସିହାରେ ନୋବେଲ ପୁରସ୍କାର ଲାଭ କଲେ। ଦେଶବିଦେଶରେ ଏହି ବିଶ୍ୱବରେଣ୍ୟ ବୈଜ୍ଞାନିକଙ୍କର ସାଧନା ଓ ପ୍ରତିଭାର ସମ୍ବାଦ ପ୍ରଚାରିତ ହେଲା। ୧୯୨୧ ମସିହାରେ ସେ ନୋବେଲ ପୁରସ୍କାର ମିଳିଥିବା ୧ଲକ୍ଷ ୯୨ ହଜାର ଟଙ୍କାକୁ ଦାନ କରି ଦେଇଥିଲେ। ସକ୍ରେଟିସ୍‌ଙ୍କ ପରି ତାଙ୍କର କିଛି ହେଲେ ଆବଶ୍ୟକ ନଥିଲା। ସତ୍ୟାନୁସନ୍ଧାନ ବ୍ୟତୀତ ଆମୋଦ ପ୍ରମୋଦ ବା ବିଳାସ୍ୟବେସନରେ ସମୟ କଟାଇବା କଥା ତାଙ୍କ ମନ ମଧ୍ୟରେ କେବେହେଲେ ସ୍ଥାନ ଲାଭ କରି ନଥିଲା। ୧୯୫୨ରେ ଇହୁଦୀରାଷ୍ଟ୍ର ଇସରାଏଲର ପ୍ରେସିଡେଣ୍ଟ ହେବା ନିମିତ୍ତ ତାଙ୍କୁ ଯେତେବେଳେ ନିମନ୍ତ୍ରଣ କରାଗଲା ସେ ତାହା ପ୍ରତ୍ୟାଖ୍ୟାନ କରିଥିଲେ। ଆଇନଷ୍ଟାଇନ୍‌ଙ୍କର ୧୯୦୫ ମସିହାରେ ପ୍ରଚାର କରିଥିବା ତଥ୍ୟ ବିଶ୍ୱକୁ ତ୍ରସ୍ତ ଚକିତ କରିଥିଲା। ଗୋଟିଏ ଗ୍ରାମ ଜଡ଼ବସ୍ତୁକୁ ଶକ୍ତିରେ ରୂପାନ୍ତରିତ କଲେ ସେହି ଶକ୍ତିରେ କଲିକତାରୁ ଦିଲ୍ଲୀ ଯାଉଥିବା ଗୋଟିଏ ରେଳଗାଡ଼ି କଲିକତାରୁ ଦିଲ୍ଲୀ ଛଅ ଥର ଯିବା ଆସିବା କରିପାରିବ। ତାଙ୍କର ଏହି ତଥ୍ୟ ଜଗତ୍‌କୁ କେବଳ ଚମକୃତ କରି ନାହିଁ, ମଣିଷର ଜୀବନଧାରାରେ ବିପୁଳ ପରିବର୍ତ୍ତନର ସୂତ୍ରପାତ କରିଛି। ଭାରତୀୟ କାଳଗଣନାର ଧାରାକୁ ପ୍ରକାରାନ୍ତରେ ସେ ମଧ୍ୟ ସ୍ୱୀକୃତି ପ୍ରଦାନ କରିଅଛନ୍ତି। ଗାନ୍ଧିଜୀଙ୍କର ଅହିଂସାବ୍ରତ, କର୍ମଯୋଗ, ସତ୍ୟାନୁରାଗ ଓ ମାନବଜାତିପ୍ରୀତି ତାଙ୍କୁ ତନ୍ମୟ କରିଥିଲା। ତାଙ୍କ ମତରେ ଭବିଷ୍ୟତ ବଂଶଧରମାନେ କେବେ ବିଶ୍ୱାସ କରିବେ ନାହିଁ ଯେ ଏପରି ଜଣେ ରକ୍ତମାଂସଧାରୀ ବ୍ୟକ୍ତି ପୃଥିବୀରେ ବିଚରଣ କରୁଥିଲା। ସମ୍ପଦ ଓ ସମ୍ମାନ ସାଧାରଣ ସଂସାରୀ - ଜୀବନରେ ବ୍ୟତିକ୍ରମ ସୃଷ୍ଟିକରେ, ମାତ୍ର ଜ୍ଞାନୀ ବ୍ୟକ୍ତିର ହୃଦୟକୁ ତାହା ଯେ କଳୁଷିତ କରିପାରେ ନା ଆଇନ୍‌ଷ୍ଟାଇନଙ୍କର ଜୀବନରେ ଏହା ପ୍ରମାଣିତ ହୋଇଥିଲା। ପୃଥିବୀର ଶାନ୍ତି ଓ ପ୍ରଗତି ପାଇଁ ତାଙ୍କର ଜୀବନର ପ୍ରତିଟି ମୁହୂର୍ତ୍ତକୁ ଦାନ କରି ୧୯୯୫ ମସିହା ଏପ୍ରିଲ ମାସ ୧୮ ତାରିଖରେ ସେ ଏହି ଧାମରୁ ଚିରବିଦାୟ ଗ୍ରହଣ କଲେ।

ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

# ଭାବନାରେ ଭଗବାନ

**ll ଡ଼ ପ୍ରତିଭା ମହାରଥୀ ll**

ସେ ଯାଇ ଠାକୁରଘରେ ଦେଖିଲେ ରାଧାରାଣୀ ନୂଆ ଚୁଡ଼ି ପିନ୍ଧିଛନ୍ତି। ଭାବବିହ୍ୱଳ ହୋଇ ସେ କାନ୍ଦି ପକାଇଲେ। ତହୁଁ କାଚରା ଘରକୁ ଦୌଡ଼ିଯାଇ ପହଞ୍ଚିଲେ ଓ କହିଲେ - ଭାଇ! ତମେ ଭାଗ୍ୟବାନ। ରାଧାରାଣୀଙ୍କୁ ସ୍ପର୍ଶ କରି ଚୁଡ଼ି ପିନ୍ଧାଇଛ। ମତେ କ୍ଷମାକର। ମୁଁ ଅଧମ ବୃଥା ତୁମକୁ ଦୋଷ ଦେଉଥିଲି।

ରାମାୟଣରେ ମଧ ବର୍ଣ୍ଣିତ ଅଛି, ଯେତେବେଳେ ବୀର ହନୁମାନ ସୀତାଙ୍କୁ ଠାବ କରିବାକୁ ଯାଇ ଅଶୋକବାଟିକାରେ ପହଞ୍ଚିଥିଲେ, ସେଠାରେ ସେତେବେଳେ ଶ୍ୱେତରଙ୍ଗର ପୁଷ୍ପ ଫୁଟିଥିଲା, ମାତ୍ର ମହାନ୍ ସନ୍ଥ, ପରମ ରାମଭକ୍ତ ଏକନାଥ ଏକଦା ସୁନ୍ଦରାକାଣ୍ଡରେ ଏହି ବିଷୟ ବର୍ଣ୍ଣନା କଲାବେଳେ ସେଠାରେ ଉପସ୍ଥିତ ଥିଲେ ସ୍ୱୟଂ ହନୁମାନ। କାରଣ ଶ୍ରୀରାମ ନାମ ଓ ଶ୍ରୀରାମକଥା ଯେଉଁଠି, ବୀରହନୁମାନ ସେଇଠି। ତେଣୁ ନିଜେ ସ୍ୱୟଂ ପ୍ରକଟ ହୋଇ ଏକନାଥଙ୍କୁ ବିରୋଧ କରି, ସେତେବେଳେ ରକ୍ତବର୍ଣ୍ଣର ଫୁଲ ଫୁଟିଥିବାର ସେ ଦେଖିଛନ୍ତି ବୋଲି ଯୁକ୍ତି ବାଢ଼ିଲେ। ଏକନାଥ ମଧ୍ୟ ନିଜ କଥାରେ ଅଟଳ ରହିଲେ। ଶେଷକୁ ଦୁହିଁଙ୍କ ବିବାଦର ସମାଧାନ ସ୍ୱୟଂ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କୁ କରିବାକୁ ପଡ଼ିଥିଲା। ସେ କହିଲେ ଉଭୟେ ଉଭୟଙ୍କ ସ୍ଥାନରେ ଠିକ୍ ଅଛନ୍ତି। ଅର୍ଥାତ୍ ପ୍ରକୃତରେ ଶ୍ରୀହନୁମାନଙ୍କ ଗସ୍ତ ସମୟରେ ଶ୍ୱେତରଙ୍ଗର ହିଁ ପୁଷ୍ପ ଫୁଟିଥିଲା, ଯାହା ଏକନାଥ ବର୍ଣ୍ଣନା କରିଛନ୍ତି, ମାତ୍ର ବୀରହନୁମାନ ମାତା ସୀତାଙ୍କୁ ଅଶୋକବାଟିକାରେ ବନ୍ଦିନୀ ଅବସ୍ଥାରେ ଦେଖି ହଠାତ୍ କ୍ରୋଧାନ୍ୱିତ ହୋଇଯିବାରୁ ତାଙ୍କୁ ସେହି ପୁଷ୍ପ ରକ୍ତବର୍ଣ୍ଣ ପରି ପ୍ରତୀୟମାନ ହୋଇଥିଲା।

ଭାବଗ୍ରାହୀ ପ୍ରଭୁ ଭକ୍ତର ଅନ୍ତରକୁ ଦେଖିପାରନ୍ତି, ମନରେ ସୃଷ୍ଟି ହେଉଥିବା ପ୍ରତ୍ୟେକ ଚିନ୍ତାକୁ ଜାଣିପାରନ୍ତି। ଭକ୍ତ ପ୍ରତିଜ୍ଞା କରିଥିଲେ ପ୍ରଭୁଙ୍କୁ ସେ ଅସ୍ତ୍ର ଧାରଣ କରାଇବେ। ଭକ୍ତର ସେହି ପ୍ରତିଜ୍ଞା ପୂରଣ କରାଇ ନ ପାରିଲେ ସିଏ କି ପ୍ରଭୁ!! ତେଣୁ ନିଜର ପ୍ରତିଜ୍ଞା ଭାଙ୍ଗି ସେ ଅସ୍ତ୍ରଧାରଣ କରିଥିଲେ। ପୁଣି ସଖାର ସମ୍ମାନ ରକ୍ଷା ପାଇଁ ଆକ୍ରମଣରୁ ଓହରିଯାଇ ସେ ନିଜର ମୂଳ ପ୍ରତିଜ୍ଞା ପାଳନ କଲେ। ସେହି ପ୍ରଭୁଥିଲେ ଚକ୍ରଧାରୀ ଶ୍ରୀକୃଷ୍ଣ। ମହାଭାରତ ଯୁଦ୍ଧରେ ସଖା ଅର୍ଜୁନଙ୍କର ସାରଥୀ। ଆଉ ସେହି ପରମଭକ୍ତ ଯାହାଙ୍କ ପାଇଁ ଅସ୍ତ୍ରଧାରଣ କରିଥିଲେ, ସିଏ ଥିଲେ ପିତାମହ ଭୀଷ୍ମ, କେବେ କେଉଁ ଭକ୍ତର ମନକୁ ଊଣା କରିନଥିବା ସେହି ଭାବଗ୍ରାହୀ ଭଗବାନଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣାମ।

ମହାନ ସନ୍ଥ ନାମଦେବ ଆତ୍ମଜ୍ଞାନର ଅଧିକାରୀ, ସମଦର୍ଶୀ ଥିଲେ। ଥରେ ସେ ଜଙ୍ଗଲରେ ଗୋଟିଏ ଗଛମୂଳେ ଏକାକୀ ରୁଟି ତିଆରି କରୁଥିଲେ। ରୁଟି ପ୍ରସ୍ତୁତ କରି ଘିଅ ଲଗାଇ ଭୋଜନ କରିଥାନ୍ତେ। ଏହି ଅବସରରେ କେଉଁଠୁ ଗୋଟିଏ କୁକୁର ଆସି ଗୋଟିଏ ରୁଟି ମୁହଁରେ ଧରି ପଳାଇଗଲା। ନାମଦେବ ତାହା ଦେଖି ଘିଅ ଠେକି ହାତରେ ଧରି କୁକୁର ପଛେ ପଛେ ଧାଇଁଥାନ୍ତି ଏବଂ କହୁଥାନ୍ତି - ପ୍ରଭୁ ଆପଣ ଟିକେ ରହିଯା'ନ୍ତୁ। ମୁଁ ରୁଟିରେ ଘିଅ ମାରିଦିଏ, ତାପରେ ଆପଣ ଖାଇବେ। ମୁଁ ଘିଅଲଗା ରୁଟି ଖାଇବି, ଆପଣ ଖାଲି ରୁଟି ଖାଇବେ ଏ କଥା କେମିତି ହେବ। ମୋ ଉପରେ ଦୟାକରି ଆପଣ ଟିକେ ରହିଯା'ନ୍ତୁ ପ୍ରଭୁ। ନାମଦେବଙ୍କ କଥା ମାନି କୁକୁର ରହିଗଲା ଏବଂ ସେ ତା' ପାଟିରୁ ରୁଟି ଆଣି ଘିଅମାରି ଖୁଆଇଲେ। ହଠାତ୍ କୁକୁର ପରିବର୍ତ୍ତିତ ହୋଇଗଲେ ଚତୁର୍ଭୁଜ ନାରାୟଣ ରୂପରେ। ନାମଦେବ ତାଙ୍କ ପାଦତଳେ ଲୋଟିପଡ଼ି ଚରଣ ବନ୍ଦନା କଲେ ଏବଂ ନାରାୟଣ, ନାମଦେବଙ୍କୁ କୋଳାଗ୍ରତ କରି ଆଶୀର୍ବାଦ କଲେ। ଏହା ହେଉଛି ନାମଦେବଙ୍କର ଆତ୍ମାନୁଭବ ଏବଂ ସମଦର୍ଶିତା। ସକଳ ଘଟରେ ନାରାୟଣ (ମହାରାଷ୍ଟ୍ରରେ ବିଠଲ) ଅଛନ୍ତି ବୋଲି ସେ ଦୃଢ଼ ଭାବେ ବିଶ୍ୱାସ ଓ ଅନୁଭବ କରୁଥିଲେ।

ଭାବର ଠାକୁର ସେ, ଯୁଗେ ଯୁଗେ ଭାବରେ ବନ୍ଧା ହୋଇଥାଆନ୍ତି। ଶ୍ରଦ୍ଧାରେ ଯିଏ ଯାହା ଟେକିଦିଏ ପ୍ରଭୁ ସ୍ୱୀକାର କରନ୍ତି। ମାୟା, ମୋହ ଭରା ଏ ଦୁନିଆରେ କିଛି ବି ନିତ୍ୟ ନୁହେଁ, ସବୁ ଅଳୀକ, କ୍ଷଣିକ। କେବଳ ହରିନାମ ହିଁ ସତ୍ୟ। ସେଥିପାଇଁ କୁହାଯାଏ ହରି ଅନନ୍ତ ହରିକଥା ଅନନ୍ତ। ବିଷୟ ବାସନାରେ ବନ୍ଧା ହୋଇ ଏ ମଣିଷ ଆଜି ହରିଙ୍କଠୁ ଦୂରେଇ ଯାଉଛି। ଯେତେବେଳ ପର୍ଯ୍ୟନ୍ତ ଏ ମଣିଷ ମାୟାକୁ ସମ୍ମୁଖରେ ରଖିବ ସେତେବେଳ ଯାଏ ତା ଦେହର 'ଛାଇ' ତା ସମ୍ମୁଖରେ ହିଁ ରହିବ କିନ୍ତୁ ଯେତେବେଳେ ମଣିଷ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ଠିଆହେବ, ସେତେବେଳେ ତାର ଛାଇ ତା ପଛପଟକୁ ହିଁ ଚାଲିଯିବ। ସୂର୍ଯ୍ୟ ହେଲେ ଆଲୋକ, ଆଲୋକ ହେଲା ସତ୍ୟ। ଆଉ ସତ୍ୟ ହିଁ ଈଶ୍ୱର। ଅର୍ଥାତ୍ ଯେତେବେଳେ ମନୁଷ୍ୟ ଈଶ୍ୱରଙ୍କୁ ସମ୍ମୁଖରେ ରଖିବ ସେତେବେଳେ ଛାୟାରୂପୀ ମାୟା (ଅସତ୍ୟ) ତାର ପଛପଟକୁ ପଳାୟନ କରିବ। ପ୍ରକୃତ ଭକ୍ତ ଯିଏ ସିଏ ଜଡ଼ଠୁ ଚେତନ ସବୁ ଭିତରେ ଭଗବାନଙ୍କୁ ଦର୍ଶନ କରିଥାଏ।

ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର
ମୋ - ୯୪୩୭୦୩୬୮୦୯

## ପାଟଣାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ପାଟଣା:-(ମହା ଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ପିକକ ସ୍ୱେଚ୍ଛାସେବୀ ସଙ୍ଗଠନ ସଭା କକ୍ଷରେ ଆଜି ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ୧୪୭ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ସମାଜ ପ୍ରତିନିଧି ନୃସିଂହ ନାଥ ସିଂହଙ୍କ ସଂଯୋଜନା ରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବଡପାଟଣା ସରପଞ୍ଚ□ ବିନତି ବାନାରା, ସମାଜ ସେବି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ,ସମାଜ ସେବି ଅଜୟ କୁମାର ଦାଶ, ପିକକ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ପ୍ରମୁଖ ଯୋଗ ଦେଇ ଉତ୍କଳ ମଣି ଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଧୂପ ଦୀପ ପ୍ରଜ୍ୱଳନ କରିବାରେ ଅତିଥି ମାନଙ୍କ ସହ ପଣ୍ଡିତ ପର୍ଶୁରାମ ପଣ୍ଡା,ପିକକ ର ରତ୍ନା ଦାସ,ପାଟଣା ପ୍ରେସ କ୍ଲବ ସଭାପତି କିଶୋର ଚନ୍ଦ୍ର ମହାନ୍ତ, ସମ୍ପାଦକ ବିଜୟ ରତ୍ନା ପତି, ଓ ସମାଜ ପ୍ରତିନିଧି ଶ୍ରୀ ସିଂହ ପ୍ରମୁଖ ଉତ୍କଳମଣି ଙ୍କ ସେବା ଓ ତ୍ୟାଗ ,ଭାଷା ସାହିତ୍ୟ ଓ ଉତ୍କଳ ପ୍ରଦେଶ ଗଠନରେ ତାଙ୍କୁ ଭୂମିକା ଉପରେ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମ ରେ ସତ୍ୟନାରାୟଣ ମହାନ୍ତ,ଝସକେତନ ମହାନ୍ତ, ଦ୍ରୌପଦୀ ବେଜ,ପ୍ରଭାତ ମୁଣ୍ଡା, ସୁନେଲି ନାୟକ, ମେଘମାଳା ମହାନ୍ତ, ଓ ସୁଚିତ୍ରା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳମଣିଙ୍କ ସ୍ୱାଭିମାନ ଥିଲା ଦରିଦ୍ରଙ୍କ ସେବା

ବେଗୁନିଆ,(ମହାଭାରତ): ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୭ ତମ ପୁଣ୍ୟ ଜନ୍ମତିଥି ବୁଧବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଏନ. ସି. ସି ଅଧିକାରୀ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ କ୍ୟାଡେଟମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀ ପୀଠକୁ ଅତିଥିମାନଙ୍କୁ ପାଛୋଟି ନେଇଥିଲେ। ପରେ ମୈତମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।ଗାୟକ ବସନ୍ତ କୁମାର ଦାସ ମଙ୍ଗଳାଚରଣ ପାଠ କରିବା ପରେ କାର୍ଯ୍ୟକ୍ରମ ଆବାହକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଉତ୍କଳମଣିଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ। ଏଥିରେ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ।ଓଡିଶାର ଦୀନ ଦରିଦ୍ରଙ୍କ ସେବାରେ ଅବଦାନର ତୁଳନା ନାହିଁ। ତାଙ୍କର ସ୍ୱାଭିମାନ ଥିଲା ଦରିଦ୍ରଙ୍କ ସେବାୟକାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶିବ ମୁନି ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ଶୈଳବାଳା ସାହୁ, ମାନସୀ ଦାସ , ସବିତା ରାୟ ,ଶିକ୍ଷାବିତ ଭାଗିରଥି ପରିଡା , ଅଶ୍ୱିନୀ ପଟ୍ଟନାୟକ ,ଯୋଗିନାଥ ମହାପାତ୍ର ,ଲକ୍ଷ୍ମୀଧର ମହାରଣା ,ଶ୍ରୀବତ୍ସ ପାଣିଗ୍ରାହୀ , ଦିଲ୍ଲୀପ କୁମାର ପାଣିଗ୍ରାହୀ ,ଭାଗବତ ମହାପାତ୍ର, ଦୀନବନ୍ଧୁ ଦାଶ,ଇଂ ରାମମାନସ ପଣ୍ଡା , ଇଂ ଦେବାଶିଷ ସାହୁ , ଶିକ୍ଷୟିତ୍ରୀ ସୁରଜିତା ଦଳାଇ, ଶୁଭଲକ୍ଷ୍ମୀ ସାହୁ,ରେଶମା ରଶ୍ମି ପାଇକରାୟ , ସୁନିତା ପୃଷ୍ଟି , ଈଶା ମୁର୍ମୁ , ସସ୍ମିତା ସାହୁ , ମୋହିନୀକାନ୍ତି ଦାସ, ଶିକ୍ଷକ ଶ୍ରୀକାନ୍ତ ପଣ୍ଡା, ସମାଜସେବୀ ସତ୍ୟବାଦୀ ସାହୁ, ରାଜକିଶୋର ସାହୁ, ବାସୁଦେବ ମହାପାତ୍ର, କୈଳାସ ଚନ୍ଦ୍ର ସାହୁ, ବସନ୍ତ କୁମାର ସାହୁ, ପ୍ରବାସୀ ସାମଲ , ପ୍ରକାଶ କିଶୋର ସାହୁ, ବିରଞ୍ଚି ନାରାୟଣ ସାହୁ,କାଳୁଚରଣ ନାୟକ,ବୁଲା ବେହେରା , ପ୍ରଣତି ଦାସ , ଦିବ୍ୟଜ୍ୟୋତି ରାୟଙ୍କ ସହ ଅନୁଷ୍ଠାନର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମାନବ ସେବା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାପ କାମୁଡା ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ,(ମହାଭାରତ): ସୋମବାର ମାନବ ସେବାଚାରିଟେବୁଲ ଟ୍ରଷ୍ଟ ,ମାଳତୀ ବିହାର , ସୁସୁଡ଼ା ଅନୁଗୋଳ ର ପ୍ରତିଷ୍ଠାତା ଚିନ୍ମୟୀ ଦାସଙ୍କ ନେତୃତ୍ୱରେ ଆଜି କାଣ୍ଡସର ଦିବ୍ୟ ଜୀବନ ହାଇସ୍କୁଲ ପ୍ରାଙ୍ଗଣରେ ସାପ କାମୁଡା ମୃତ୍ୟୁ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତ ରହି ଉତ୍ସାହିତ କରିଥିଲେ ସମାଜସେବୀ ଚିନ୍ମୟୀ ଦାସ , ବିଦ୍ୟାଳୟ ର ଶିକ୍ଷକ ଶ୍ରୀ ଚିନ୍ମୟ କୁମାର ସାହୁ, ଏବଂ ଶିକ୍ଷକ ଶ୍ରୀ ପରେଶ୍ କୁମାର ସଡଙ୍ଗୀ ସାପ କାମୁଡା ମୃତ୍ୟୁ ପ୍ରତିରୋଧ ସଚେତନତା ଉପରେ ଆଲୋକପାତ କରାଇଥିଲେ। ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ସଭାପତି ଶ୍ରୀ ଅନନ୍ତ ବାରିକ, ସାଧାରଣ ସମ୍ପାଦକ ଶ୍ରୀ ସୁଧାକର ସାହୁ ଏଥିରେ ସହଯୋଗ କରିଥିଲେ।ଏହି କାର୍ଯ୍ୟକ୍ରମ ଟି ପୂର୍ବରୁ ବିଭିନ୍ନ ସ୍କୁଲ, କଲେଜ ଓ ବନ ବିଭାଗକୁ ନେଇ ସଚେତନ କରାଯାଇଛି । ସାପ କାମୁଡ଼ିଲେ ଗୁଣି ଗାରେଡ଼ି କିମ୍ବା ଚେର ମୁଳି ଦିଅନ୍ତୁ ନାହିଁ, କେବଳ ଡାକ୍ତର ଖାନାକୁ ନିଅନ୍ତୁ ଓ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି ଅନୁରୋଧ କରିଥିଲେ।

## ସିଂହବାହିନୀ ବେଶ ରେ ଦର୍ଶନ ଦେଲେ ମା ମଙ୍ଗଳା

କାକଟପୁର, (ମହାଭାରତ): ଚାଲିଛି ପାର୍ବଣ, ଶାରଦୀୟ ଦୁର୍ଗାପୂଜା । ଏହି ଅବସରରେ ରାଜ୍ୟ ରେ ସମସ୍ତ ଶକ୍ତିପୀଠ ରେ ଚାଲିଛି ଷୋଳପୂଜା, ଷୋଡଶ ଉପଚାର ରେ ପୂଜା ପାଉଛନ୍ତି ଜଗଦ୍ଧାତ୍ରୀ, ସେହି ପରିପ୍ରେକ୍ଷୀରେ ରେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ପୀଠ ରେ ଚାଲିଛି ନବରାତ୍ର ପୂଜା, ଦୈନ ଦିନ ମା ଙ୍କର ସ୍ନାନ, ମାର୍ଜନା, ମୈଲମ, ଅବକାଶ, ବାଲ୍ୟ ଭୋଗ ପରେ ମା ଙ୍କୁ ଜଣେ ଷୋଡଶ ଉପଚାର ପୂଜା ପଣ୍ଡା ଷୋଡଶ ଉପଚାର ରେ ପୂଜା କରନ୍ତି, ମନ୍ଦାର ମାଳ, ପଦ୍ମ ଫୁଲ, ବେଲ ପତ୍ର ରେ ମା ଙ୍କୁ କରଯାଉଛି ପୂଜା, ମା ଙ୍କର ଏହି ୯ ଦିନ ରେ ଭିନ୍ନ ଭିନ୍ନ ବେଶ ଅନୁଷ୍ଠିତ ହୁଏ, ନାଳି କଳି, କଳା କଳି, ତୀର କମାଣ, କାତି ଖର୍ପର ।ଏହି ବେଶ ରେ ମା ପୂଜା ପାଉଥିବା ବେଳେ ରାତ୍ର ରେ ମା ଙ୍କ



ଚଳନ୍ତି ପ୍ରତିମା ସ୍ୱତନ୍ତ୍ର ବିମାନ ରେ ରୁଗିରୀ ବିଜେ କରନ୍ତି ମହିଷାସୁର କୁ ଠାବ ପାଇଁ, ଫେରିବା ପରେ ମନ୍ଦିର ରେ ଜଗତି ମଣ୍ଡପ ରେ ଦୁର୍ଗା ଓ ମଙ୍ଗଳା ଙ୍କ ଭିତରେ ଆଲୋଚନା ହୁଏ, କିନ୍ତୁ ମହାସପ୍ତମୀ ରେ ମା ଙ୍କର ହୁଏ ସ୍ୱତନ୍ତ୍ର ସିଂହବାହିନୀ ବେଶ, ଯାହା ଅତ୍ୟନ୍ତ ଦୁର୍ଲଭ ଆଉ ମନୋରମ ବେଶ, ଏହି ବେଶ ରେ ମା ସିଂହାରୁଢ଼ା ହୋଇ ଆଜି ଯିବେ ମହିଷାସୁର କୁ ଠାବ କରି ତା ସହିତ ଯୁଦ୍ଧ କରିବା ପାଇଁ, ଆସନ୍ତା କାଲି ମହାଷ୍ଟମୀ ପୂଜା ରେ ମା ମହିଷାସୁର କୁ ବଦ୍ଧ କରିବେ ଆଉ ମହିଷାମର୍ଦ୍ଦିନୀ ରୂପେ ଦର୍ଶନ ଦେବେ, ମଧ୍ୟ ରାତ୍ର ରେ ସନ୍ଧି ସମୟ ରେ ସନ୍ଧି ପୂଜା ସହିତ ଅନୁଷ୍ଠିତ ହେବ କୁଷ୍ମାଣ୍ଡ (ପାଣି କଖାରୁ ) ବଳି, ଷୋହଳ ଦିନ ଧରି ମା ଙ୍କ ନିକଟରେ ଚଣ୍ଡୀ ପାଠ, ହୋମ, ଅଖଣ୍ଡ ଦ୍ୱୀପ ରେ ପୂଜା ଚାଲୁରହିଥିବା ବେଳେ ମା ଙ୍କ ନିକଟରେ ଏହାକୁ ମହାନବମୀ ରେ ଉଦଯାପିତ କରାଯାଏ, ମହାନବମୀ ରେ ଶ୍ୱେତ ବସ୍ତ୍ର ପରିଧାନ କରି ମା ଶାନ୍ତ ସୌମ୍ୟ ରୂପେ ଭକ୍ତ ଙ୍କୁ ଦର୍ଶନ ଦେବେ ଆଉ ଶାନ୍ତି ହୋମ କରାଯାଇ ମା ଙ୍କୁ ଶାନ୍ତି କରାଯାଏ। ଏହା ମା ଙ୍କର ଏହି ଷୋହଳ ଦିନ ଓ ନବଦିନାତ୍ମକ ପୂଜା ର ବିଶେଷ୍ୱ। ଏହି ସିଂହ ବାହିନୀ ବେଶ ରେ ରହିଛି ଅନେକ ଅଲୌକିକତା, ଯିଏ ମା ଙ୍କର ଏହି ଦୁର୍ଲଭ ବେଶ କୁ ଦର୍ଶନ କରେ ତାହାର ମନସ୍କାମନା ନିଶ୍ଚୟ ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ମନ୍ଦିର ର ବରିଷ୍ଠ ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ କୁହନ୍ତି ମା ହେଉଛନ୍ତି ଜଗଦମ୍ବା, ମା ଦୁର୍ଗା, ଏହି ନବରାତ୍ର ରେ ମା ଙ୍କୁ ଆରାଧନା କରିବା ସହ ବିଶେଷ କରି ମହାସପ୍ତମୀ, ମହାଷ୍ଟମୀ ଓ ନବମୀ ରେ ସିଂହ ବାହିନୀ, ମହିଷା ମର୍ଦ୍ଦିନୀ ଓ ସରସ୍ୱତୀ ବେଶ ଦର୍ଶନ କଲେ ଅନେକ କାମନା ପୂର୍ଣ୍ଣ ହୁଏ, ଠିକ ସେହିପରି ସେବାୟତ ତାପସ ଦୀକ୍ଷିତ କୁହନ୍ତି କେବଳ ପୁରୀ ଜିଲ୍ଲା କି ଓଡିଶା ରାଜ୍ୟ ନୁହେଁ ରାଜ୍ୟ ବାହାରେ ବି ମା ଙ୍କର ଭକ୍ତ ଅଛନ୍ତି ଆଉ ଏହି ପାର୍ବଣ ରେ ସେମାନେ ଆସନ୍ତି ମା ଙ୍କୁ ଦର୍ଶନ ପାଇଁ, ଆଉ କୁହନ୍ତି ଯେ ଯେତେ ଦୂରେ ରହିଲେ ବି ମା ମଙ୍ଗଳା ଙ୍କ ରୂପ କୁ ଚିନ୍ତା କଲେ ସମସ୍ତ କ୍ଳେଶ ଲାଘବ ହୁଏ, ମନ୍ଦିର ପ୍ରଶାସନ ର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ଦାସ କୁହନ୍ତି ମା ଙ୍କ ନିକଟରେ ଆମେ ଅଧିକାରୀ ନୁହଁ, ଆମେ ଗୋଟେ ଗୋଟେ ସେବକ, ଏହି ପାର୍ବଣ ରେ ମା ଙ୍କ ନିକଟକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଙ୍କ କିପରି ଶୃଙ୍ଖଳିତ ଦର୍ଶନ ହେବ ତାହା ଆମ ସେବା ଆଉ ଆମେ ତାକୁ ସୁଚାରୁ ରୂପେ ପରିଚାଳନା କରୁ, ପ୍ରାଚୀ ତଟ ରେ ଅବସ୍ଥାନ କରିଛନ୍ତି ଜଗତଜନନୀ ମା ମଙ୍ଗଳା, ଶ୍ରୀ ଜଗନ୍ନାଥ, ବଳଭଦ୍ର, ମା ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ଙ୍କୁ ନବକଳେବର ରେ ଜନ୍ମ ଦେଉଥିବା ସେ ହେଉଛନ୍ତି ଆଦିମାତା, ତାଙ୍କ ସୃଷ୍ଟି ସେ ନିଜେ କରିଛନ୍ତି । ତାଙ୍କ ପାଇଁ ଆଜି କାକଟପୁର ମାଟି ପାଣି ପବନ ସବୁ ପବିତ୍ର ।

### ସାବଧାନ ଓ ସତର୍କ ରହିବାକୁ ସଭିଙ୍କୁ ନିର୍ଦ୍ଦେଶ
## ଖାଲ ଖମାରେ ଭରା ଡୁବୁରୀ ଚଣ୍ଡିଖୋଲ ରାସ୍ତା,



ଦାନଗଦି: (ମହାଭାରତ )କଳିଙ୍ଗନଗର ରେ ଦିନକୁ ଦିନ ସମସ୍ୟା ବଢିବାକୁ ଲାଗିଥିବାବେଳେ, ଡୁବୁରି ଚଣ୍ଡିଖୋଲ ରାସ୍ତା ବର୍ଷ ବର୍ଷ ଧରି କାର୍ଯ୍ୟ ଅଧାଅଧୁରା ହୋଇ ରହିଛି। ଯାତାୟାତ କରୁଥିବା ଅନେକ ଯାତ୍ରୀ ସଡ଼କ ଦୁର୍ଘଟଣାର ଶିକାର ହେବାସହ ଏହି ରାସ୍ତାଦେଇ ଯିବା ସାଙ୍ଘାତିକ ହୋଇପଡିଛି। ଅନେକ ଜୀବନ କ୍ଷତି ଗ୍ରସ୍ତ ମଧ୍ୟ ହେଉଛି। ଡୁବୁରୀ ଚଣ୍ଡିଖୋଲ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଫଳ । ଡୁବୁରୀ ଚଣ୍ଡିଖୋଲ ରାସ୍ତା ଖାଲ ଖମାରେ ପରିପୂର୍ଣ୍ଣସହ।,ପ୍ରତ୍ୟେକ ଦିନ ଏହି ରାସ୍ତାରେ ହଜାର ହଜାର ସଂଖ୍ୟାରେ କାରଖାନା ମାନଙ୍କୁ ମାଲ୍ ବୋଝେଇ ଭାରି ଯାନ ଯାତାୟାତ କରିବାସହ ଏହି ରାସ୍ତାଦେଇ ଅନେକ ଶ୍ରମିକ କାରଖାନାକୁ ଯାତାୟାତ କରନ୍ତି, ଏହି ରାସ୍ତାଦେଇ ଜିଏବି ଯାଉଛି ମନରେ ଭୟ ସେତେବଢ଼ିବାରେ ଲାଗିଛି। ଯାତାୟାତ କରୁଥିବା ସାଧାରଣ ଲୋକ ମନରେ ଭୟବିତ ହେଉଥିବସହ ପ୍ରତିଟି ମୁହୂର୍ତ୍ତ କିଛି ଅଘଟଣ ଘଟିବା ଭୟ ମନରେ ସଭିଙ୍କ ଉଙ୍କି ମାରୁଛି , ରାସ୍ତା ଏତେମାତ୍ରାରେ ଖରାପ ହୋଇପଡିଛି ଯେ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ବଡ଼ ବଡ଼ ଖାଲ ,ଯେବି ଯାତାୟାତ କରୁଛି ଛାତି କମ୍ପି ଉଠୁଛି,ଏହି ରାସ୍ତାଟି କାର୍ଯ୍ୟ ଯଥା ଶୀଘ୍ର ମରାମତି ନହେଲେ ଆଗାମୀ କିଛି ଦିନରେ ଅନେକ ଧନଜୀବନ ହାନିହେବା ସହ ବୋହୂ ଦୁର୍ଘଟଣା ଅଣିପାରେ ।

## ରାଜନୀତି ବିଜ୍ଞାନ ବିଭାଗର ପାଠ୍ୟଚକ୍ର ଅନୁଷ୍ଠିତ



ଆସିକା (ମହାଭାରତ): ଆସିକା ବ୍ଲକସ୍ଥିତ କେନ୍ଦୁପଦରର ନିମିନା ବୃନ୍ଦାବନଚନ୍ଦ୍ର ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗରେ ଏକ ଆଲୋଚନା ଚକ୍ର ଅଧକ୍ଷ ହରିଶଙ୍କର ପାଣ୍ଡେଙ୍କ ଅଧକ୍ଷତାରେ ର ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ଆଲୋଚନା ଚକ୍ରର ବିଷୟ ଥିଲା ଥୋମାସ ହୋବ୍ସ, ଜନ୍ ଲକ୍ ଓ ଜେ ଜେ ରୁଷୋଙ୍କ ରାଜନୀତିକ ଦର୍ଶନ : ଏକ ତା□ିକ ଆଲୋଚନା ।ଏହି ଆଲୋଚନା ଚକ୍ରକୁ ରାଜନୀତିକ ବିଭାଗର ତୃତୀୟ ବର୍ଷ ସ୍ନାତକର ଛାତ୍ରୀ ଶିବାନୀ ବାଡ଼ତ୍ୟା, ଅଭିପ୍ସା ଖଟେଇ ଓ ଛାତ୍ର ସାଗର ମହାରଣା ଆଦି ଉପସ୍ଥାପନ କରିଥିଲେ ଓ ଉକ୍ତ ପାଠଚକ୍ରର ସାଧନ ବ୍ୟକ୍ତି ଭାବେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ କିଶୋର କୁମାର ବେହେରା ଉପସ୍ଥିତ ରହି ଆଲୋଚ୍ୟ ବିଷୟ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ ।ଉକ୍ତ ପାଠଚକ୍ରକୁ ପରିଚାଳନା ତଥା ତ□ାବଧାନ କରିଥିଲେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ସିଲୁ ସେଠି, ଅଧାପକ ଉଦିତ ନାରାୟଣ ଦାଶ ଓ ଅଧାପିକା ଯାଜ୍ଞସେନୀ ପ୍ରଧାନ । ସେହିପରି ଏହି ପାଠଚକ୍ରରେ ଉପସ୍ଥିତ ଥିଲେ ଅନୁଷ୍ଠାନର ଶୈକ୍ଷିକ ଅଧିକାରୀ ତଥା ପାଠଚକ୍ର ଅଧିକାରୀ ଡ଼କ୍ଟର କୁନା ସୁନା । ଉକ୍ତ କାର୍ଯ୍ୟକ୍ରମରେ ଅଧାପକ ଉଦିତ ନାରାୟଣ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସ୍ଥଳେ ଅଧାପିକା ଯାଜ୍ଞସେନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ବ୍ୟତୀତ ରାଜନୀତି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ଓ ଅନୁଷ୍ଠାନର ଅନ୍ୟ ବିଭାଗର ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଅଧାପକ /ଅଧାପିକାମାନଙ୍କ ଉପସ୍ଥିତିରେ ଏହି ପାଠଚକ୍ର ସାଫଲ୍ୟମଣ୍ଡିତ ହେଇଛି।

## ନାଲକୋ ଠିକା ଶ୍ରମିକ ସଙ୍ଘର ପ୍ରତିଷ୍ଠା ଦିବସ ପାଳିତ

ଅନୁଗୋଳ,(ମହାଭାରତ):ଆଜି ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ସହବନ୍ଧିତ ନାଲକୋ ଠିକା ଶ୍ରମିକ ସଙ୍ଘ ର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ଏଥିରେ ଠିକା ସଙ୍ଘର ସଭାପତି ଅଭୟ ସାମଲ ଙ୍କ ନେତୃତ୍ୱ ରେ ସମସ୍ତ ଠିକା ଶ୍ରମିକ ଉପସ୍ଥିତ ଥିଲେ।ଏଥିରେ ଠିକା ଶ୍ରମିକ ମାନଙ୍କର ସୁଖ ଦୁଃଖକୁ ହାତ ଧରିଆଗକୁ କିପରି ଉତ୍ତତି ହୋଇ ପାରିବ ସେ ଉଦବୋଧନ ଦେଇଥିଲେ। ଆଗାମୀ ଦିନ ରେ ଠିକା ଶ୍ରମିକ ମାନଙ୍କୁ ସବୁ ପ୍ରକାର ସୁବିଧା ମେଡିକାଲ, ଫାଇନାଲ , ବୋନସ ଇତ୍ୟାଦି ଯୋଗାଇ ଦେବାକୁ ସଙ୍ଘ ତରଫରୁ କଥା ଦେଇଥିଲେ।ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ମଜଦୂର ସଙ୍ଘ ଓଡିଶା ଶାଖାର ଉପସଭାପତି ମଦନ ମୋହନ ଧଳ,ଠିକା ଶ୍ରମିକ ସଙ୍ଘ ର ଉପଦେଷ୍ଟା ତଥା ନାଲକୋ ଏମ୍ପଲୋୟିଜ ସଙ୍ଘ ର ସଭାପତି ନିର୍ମଳ ସାମଲ, ନାଲକୋ ଶ୍ରମିକ ସଙ୍ଘର ସିପିପି (ସ୍ୱୀକୃତି ପ୍ରାପ୍ତ)ସାଧାରଣ ସମ୍ପାଦକ ବିଭବ ଜେନା, କାର୍ଯ୍ୟକାରି ସଭାପତି ହେମନ୍ତ ପ୍ରଧାନ,ନାଲକୋ ଏମ୍ପଲୋୟିଜ ସଙ୍ଘ ର ସାଧାରଣ ସମ୍ପାଦକ ରଞ୍ଜିତ ସାହୁ, ରାଷ୍ଟ୍ରୀୟ ମଜଦୂର କଂଗ୍ରେସ (ଯୁବ ଶାଖା)ଓଡିଶା ର ସାଧାରଣ ସମ୍ପାଦକ ପ୍ରକାଶ ବେହେରା, ଅନୁସୂଚିତ ଜନଜାତି ସଙ୍ଘର ସଭାପତି ଶ୍ରୀ କେଦାର ଦେହୁରୀ, ସାଧାରଣ ସମ୍ପାଦକ କୃଷ୍ଣ ଜଙ୍ଗ ଉପସ୍ଥିତ ଥିଲେ ଏବଂ ଠିକା ସଙ୍ଘ ର ସଭାପତି ଅଭୟ ସାମଲ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ସାହୁ, ଅନିଲ ବରାଳ,ଅମର ସୁତାର, ରଞ୍ଜନ ସାହୁ,, ପ୍ରଫୁଲ ସାହୁ, ରବି ମହାଳିକ, ଦୀପକ ପଟନାୟକ, ସରସ୍ୱତୀ ସାହୁ,କବିତା ପରିଡା, ଗୁରୁ ଗୋଛାୟତ,ଶ୍ରୀକାନ୍ତ ମୁଦୁଲି, ପ୍ରଭାତୀ ସାହୁ, ଶଙ୍କର ଗୋଛାୟତ ସାହାଯ୍ୟ ସହଯୋଗ ରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ଶେଷରେ ସଭାପତି ଅଭୟ ସାମଲ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ କୁ ସାଙ୍ଗ କାରିଥିଲେ।

## ମୃତ୍ତିକାର ମାନ ନିରୂପଣ ଓ ସଂଗ୍ରହ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ହାଟଡିହ(ମହାଭାରତ):ହାଟଡିହି ବ୍ଲକ ଆମ୍ବୋ ପଞ୍ଚାୟତ ଅଣତିରା ଗ୍ରାମରେ ବୁଧବାର ଦିନ ବ୍ଲକ ସହ କୃଷିଧିକାରୀ ଙ୍କ ଅଧକ୍ଷତା ରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିର ରେ ମୃତ୍ତିକା ପରୀକ୍ଷା କରିବା ନିମନ୍ତେ କିପରି ମୃତ୍ତିକା ସଂଗ୍ରହ କରାଯିବ ତାହାକୁ ପରୀକ୍ଷା ମୂଳକ ଭାବେ ଶିକ୍ଷା ପ୍ରଦାନ କରାଯାଇଥିଲା ।ଏବେ ଧାନରେ ଲାଗୁଥିବା କୀଟ ମାନଙ୍କ ଆକ୍ରମଣ ରୁ ରକ୍ଷା ପାଇବା ପାଇଁ କି କି କୀଟ ନାଶକ ବ୍ୟବହାର କରାଯିବ ତାହାକୁ ବୁଝାଇଥିଲେ। ଏହି ଶିବିର ରେ ଲୋକ ମାନଙ୍କୁ ଚାଷ ବୀମା ସମ୍ପର୍କ ରେ ଅବଗତ କରାଯିବା ସହ କେଉଁ କ୍ଷୟକ୍ଷତି ସମୟ ରେ ପାଇଁ କେତେ ଟଙ୍କା ସରକାର ପ୍ରଦାନ କରିବେ ତାହାକୁ ବୁଝାଇ ଥିଲେ। ଶେଷରେ ପିଏମ୍ କିଶାନ ରେ ଯେଉଁ ବ୍ୟକ୍ତି ଟଙ୍କା ଠିକ୍ ରେ ପାଉ ନଥିବେ ଜନସେବା କେନ୍ଦ୍ରର କିମ୍ବା କୃଷି ବିଭାଗ ଅଫିସ ରେ ଯୋଗାଯୋଗ କରି ପାରିବେ । ଏବେ ସରକାର ଲୋକ ଙ୍କ ପାଇଁ ସିଏମ୍ କିଶାନ ଯୋଜନା ଆରମ୍ଭ କରିଥିବାରୁ ଲୋକ ମାନେ ଏହି ଯୋଜନା ର ଲାଭ ଉଠାନ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ରେ ହାଟଡିହି ବ୍ଲକ ସହ କୃଷି ଅଧିକାରୀ ଭାମାମଞ୍ଜରୀ ମହାନ୍ତ ଉପସ୍ଥିତ ରହିଥିବା ବେଳେ ତାଙ୍କ ସହ ଭି ଏ ବ୍ଲୁ ମାନଙ୍କ ମଧ୍ୟରେ ବ୍ରଜ କିଶୋର ମୁଣ୍ଡା, ନନ୍ଦ କିଶୋର ଓଝା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଆମ୍ବୋ ପଞ୍ଚାୟତ ର ଶତାଧିକ ଚାଷୀ ଯୋଗ ଦେଇଥିଲେ।

## ବର୍ଷକୁ ୧୦ ଦିନ ଖୋଲେ ଦାଣ୍ଡୁମାରାମା ମାଆଙ୍କ ମନ୍ଦିର

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଦାଣ୍ଡୁମାଳା ସାହିରେ ଭିନ୍ନ ପରମ୍ପରାର ଏକ ଦୁର୍ଗା ମନ୍ଦିର ରହିଛି। ମନ୍ଦିରଟି ବର୍ଷକୁ ମାତ୍ର ୧୦ଦିନ ପାଇଁ ଖୋଲା ହୋଇ ପୂଜା ରୀତିନୀତି ଚାଲେ। ପୁରାତନ ଏହି ମନ୍ଦିରଟି ପାରଳା ରାଜ ପରିବାର ତରଫରୁ ନିର୍ମିତୟ ମା’ ଦୁର୍ଗା ଏଠାରେ ମା’ ଦାଣ୍ଡୁମାରାମ୍ମା ନାମରେ ପୂଜା ପାଇ ଆସୁଛନ୍ତି। ବର୍ଷକୁ ଥରେ କେବଳ ନବରାତ୍ର ୯ ଦିନ ମାଆଙ୍କ ପୂଜାର୍ଚ୍ଚନା ପରେ ବିଜୟା ଦଶମୀ ବିଳମ୍ବିତ ରାତିରେ ମନ୍ଦିରକୁ ବନ୍ଦ କରି ଦିଆଯାଏ। ରାଜାଙ୍କ ସମୟରେ ମହାଷ୍ଟମୀ ରାତିରେ ମାଆଙ୍କ ନିକଟରେ ବଳି ଦେବା ପ୍ରଥା ରହିଥିଲା।

## ଜିଲ୍ଲା ବିଜେଡିର ପ୍ରାଥମିକ ସଭ୍ୟ ସଂଗ୍ରହ ଅଭିଯାନ ଉଦ୍‌ଘାଟନ

କେନ୍ଦ୍ରାପଡ଼ା(ମହାଭାରତ): ଆଜି କେନ୍ଦ୍ରାପଡା ପୌରସଂସ୍ଥା ଟାଉନ ହଲରେ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ସହ ବିଜେଡି ସୁପ୍ରିମୋ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ପ୍ରାକ୍ତନ ପୌରାଧକ୍ଷ ଧିରେନ୍ କୁମାର ସାହୁ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇ ଦଳର ସଭ୍ୟ ସଂଗ୍ରହ ଅଭିଯାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଦଳର ସଭ୍ୟ ସଂଗ୍ରହ ବ୍ୟାପକ କରିବାକୁ ପରାମର୍ଶ ଦେଇ ସଂଗଠନକୁ ମଜବୁତ



କରିବା ପାଇଁ ଆହ୍ୱାନ ଦେଇଥିଲେ । ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡା ପୌରାଧକ୍ଷା ସରିତା ସାହୁ ପ୍ରମୁଖ ଉପସ୍ଥିତ ରହି ଆଜିର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଏବଂ ନବୀନ ବାବୁଙ୍କ ନେତୃତ୍ୱରେ ଦଳର ପ୍ରାଥମିକ ସଭ୍ୟ ସଂଗ୍ରହ ଅଭିଯାନ ବିଜେପି ସରକାରର ବିଫଳତା ସମ୍ପର୍କରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ପ୍ରାଥମିକ ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରି ପ୍ରଥମେ ବିଧାୟକ ଶ୍ରୀ ବେହେରା ଓ ପୌରାଧକ୍ଷା ଶ୍ରୀମତୀ ସାହୁ ନିଜ ନିଜର ସଭ୍ୟ ପଦର ଫର୍ମ ପୂରଣ କରିଥିଲେ । ଶଙ୍ଖ ଭବନ ଭୁବନେଶ୍ୱରରୁ ନବୀନ ବାବୁଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଚେୟାରମ୍ୟାନ ରଶ୍ମିତା ସେଠୀ, ପଟ୍ଟାମୁଣ୍ଡାଇ ପୌରାଧକ୍ଷ ହେମନ୍ତ ସାହୁ, ରୋସନା ସାହୁ, ଏମ୍ ଡି ଇନାୟତ, ରାଜେଶ ଦାସ, ଆଲୋକ ସାହୁ, ରାଜେଶ ପଣ୍ଡା, ରଣଜିତ୍ ସାହୁ, ସ୍ୱୟଂପ୍ରଭା କର, ସୁମିତ୍ରା ପାଢୀ, ଶରତ ବେହୁରା, ପ୍ରମୋଦ ରଥ, ଦୁର୍ଗାଶିଷ ମହାନ୍ତି, ମଧୁଛନ୍ଦା ମହାନ୍ତି, ଶିବ ପ୍ରସାଦ ଭଳ, ହିରଣ୍ୟ ପଣ୍ଡା, ସଞ୍ଜୟ ଜେନା, ମୁକ୍ତାର ଖାନ୍, ଆକବରୀ ଖାତୁନ୍, ହବିବା ବେଗମ୍, ପ୍ରଶାନ୍ତ କୁମାର ସିଂ, ଉମେଶ ନାୟକ, ପ୍ରଦୀପ୍ତ ଜେନା, ହିବଜୁର ରହେମାନ, ସମ୍ବିତ ଶ୍ରୀଚନ୍ଦନ, ଏମ୍ ଡି ନିଆଜ, ସାହେବ ରାଉତ, ବିଜୟ ମଣ୍ଡଳ, ପ୍ରଦୀପ୍ତ ମହାନ୍ତି, ରଶ୍ମିରଞ୍ଜନ ରାଉତ, ନିର୍ମଳା ମହାନ୍ତି, ଲୋପାମୁଦ୍ରା ବାରିକ, ତ୍ରିଲୋଚନ ଦାସ, ବିଭୂତି ପଣ୍ଡା, ମହେନ୍ଦ୍ର ସିଂ, ସେକ୍ ରହେମତ, ରଞ୍ଜନ ସାହୁ, ଦିଲ୍ଲୀପ ସାହୁ, ଗଙ୍ଗାଧର ପରିଡା, ସୌମେନ୍ଦ୍ର ପୃଷ୍ଟି, ପ୍ରଦୀପ ନାୟକ, ବିଜୟ ଚନ୍ଦ୍ର ପତି ସମେତ ସମସ୍ତ ବ୍ଲକ ଓ ପୌର ପରିଷଦ ଅଧକ୍ଷ, ଉପାଧକ୍ଷ, ସଭାପତି ପ୍ରମୁଖ ବହୁ ଆଗଧାଡିର କର୍ମୀ ଯୋଗଦାନ କରିଥିଲେ । ସଭା ଶେଷରେ ନଗର ସଭାପତି ଯଯାତି କେଶରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଲୋକଙ୍କ କାମରେ ଆସୁନାହିଁ ଶୌଚାଳୟ ଲଟା ବୁଦାରେ ପରିପୂର୍ଣ୍ଣ ପରିସର

କୋକସରା,(ମହାଭାରତ): ସରକାର ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବିନିଯୋଗ କରି ପ୍ରତି ପଞ୍ଚାୟତ ମାନଙ୍କରେ ଶୌଚାଳୟ ସବୁ ତିଆରି କରୁଥିବା ବେଳେ ତାହା ଅନେକ ସ୍ଥାନରେ କର୍ଯ୍ୟରେ ଆସୁନଥିବା ଦେଖିବାକୁ ମିଳିଛି। ପ୍ରଶାସନର ଅଣଦେଖା ଯୋଗୁଁ ତାହା ଭୁତ କୋଠରୀ ପାଲଟି ଲଟା ବୁଦାରେ ପରିପୂର୍ଣ୍ଣ ହୋଇ ରହୁଛି। ଯାହା ଫଳରେ ଯାତ୍ରୀ ମାନଙ୍କୁ ଘୋର ଅଭାବ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି କୋକସରା ବ୍ଲକ ଆମପାଣି ପଞ୍ଚାୟତ ଠାରେ। ଦୀର୍ଘ ବର୍ଷ ହେବ ବଜାର ପଡ଼ିଆ ଠାରେ ଥିବା ଏକ ସାମୁହିକ ଶୌଚାଳୟ ନିର୍ମାଣ କରାଯାଇଛି ।ଶୌଚାଳୟରେ ଉଭୟ ପୁରୁଷ ଓ ମହିଳା ମାନଙ୍କ ଶୌଚ କ୍ରିୟା ପାଇଁ ସୁବ୍ୟବସ୍ଥା କରାଯାଇଛି। କଳାହାଣ୍ଡି ଜିଲ୍ଲା ଏବଂ ନବରଙ୍ଗପୁର ସୀମାନ୍ତ ଅଞ୍ଚଳ। ନିତିଦିନ ଏଠାରେ ଶହ ଶହ ବସ ଯାତାୟତ କରିଥାଏ। ଯାତ୍ରୀ ମାନେ ଓହ୍ଲାଇ ଶୌଚ କ୍ରିୟା ପାଇଁ ଶୌଚାଳୟ କୁ ପଶି ବାଟରୁ ଫେରି ଆସୁଛନ୍ତି। ଯେହେତୁ ବର୍ତ୍ତମାନ ରକ୍ଷଣା ବେକ୍ଷଣ ଅଭାବରୁ ଶୌଚାଳୟ ପରିସର ଭିତରେ ଅଳିଆ ଆବର୍ଜନା ପଡ଼ିରହିବା ସହିତ



ଲଟା ବୁଦାରେ ପରିପୂର୍ଣ୍ଣ ହୋଇ ରହିଛି। ଯାହା ଫଳରେ ଯାତ୍ରୀ ମାନଙ୍କ ମଧ୍ୟରେ ଜନ ଅସନ୍ତୋଷ ଦେଖା ଦେଇଛି। ଆଗକୁ ବୁଢ଼ାରଜା ଠାକୁରଙ୍କ ପ୍ରସିଦ୍ଧ ଦଶହରା ହଜାର ହଜାର ଭକ୍ତଙ୍କ ଭିଡ ଓ ସମାଗମ ହେତୁ ଶୌଚାଳୟର ଉତ୍ତତି କରଣ ଓ ରକ୍ଷଣା ବେକ୍ଷଣ ପାଇଁ ଯାତ୍ରୀ ମାନଙ୍କ ପକ୍ଷରୁ ସାଧାରଣରେ ଦାବୀ ହେଉଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ବିଶିଷ୍ଟ ବ୍ୟବସାୟୀ ଗଙ୍ଗାଧର ଜେନାଙ୍କ ବିୟୋଗରେ ପାରାଦୀପ ବଡ଼ପଡ଼ିଆ ବ୍ୟବସାୟୀଙ୍କ ଶୋକସଭା



ପାରାଦୀପ (ମହାଭାରତ): ପାରାଦୀପ ଅଞ୍ଚଳର ଜଣାଶୁଣା ବିଶିଷ୍ଟ ବ୍ୟବସାୟୀ, ଠିକାଦାର ତଥା ସମାଜସେବୀ ଗଙ୍ଗାଧର ଜେନାଙ୍କ ଗତ ରବିବାର ଦିନ ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ଅକାଳ ବିୟୋଗ ରେ ପାରାଦୀପ ବଡ଼ପଡ଼ିଆ ମାର୍କେଟ ର ବ୍ୟବସାୟୀ ମାନଙ୍କ ପକ୍ଷରୁ ଦୁର୍ଗା ମଣ୍ଡପ ନିକଟସ୍ଥ ସାଇକେଲ ଷ୍ଟାଣ୍ଡ ରେ ମଙ୍ଗଳବାର ସକାଳ ୯ ଘଟିକା ସମୟରେ ଏକ ଶୋକସଭା ଆୟୋଜିତ ହୋଇଯାଇଛି । ବରିଷ୍ଠ ବ୍ୟବସାୟୀ କ୍ଷୀରୋଦ କୁମାର ସ୍ୱାଇଁ ଙ୍କ ଆବାହକତ୍ୱ ରେ ଆୟୋଜିତ ଏହି ଶୋକସଭାରେ ଅମୀୟ କୁମାର ପାଣି, ଧ୍ରୁବ ଚରଣ ମହାନ୍ତି,ଗୋଲେଖ ଚନ୍ଦ୍ର ସାହୁ, ସୋମନାଥ ଖୁଣ୍ଟିଆ,ଶକ୍ତିକାନ୍ତ ଦାସ, ରତ୍ନାକର ଜେନା, ତନ୍ମୟ କୁମାର ଦାସ, ମୁରଲୀ ରାଓ,ଅଶୋକ ସାହୁ, ପ୍ରଶାନ୍ତ ପରିଡା, ଦେବାଶିଷ ସାହୁ, ଶିବାଜୀ ରାଏ ଚୌଧୁରୀ, ରିଙ୍କୁ ଦାସ ପ୍ରମୁଖ ଶତାଧିକ ବ୍ୟବସାୟୀ ଉପସ୍ଥିତ ରହି ସ୍ୱର୍ଗତ ଗଙ୍ଗାଧର ଜେନା ଙ୍କ ଫୋଟଚିତ୍ର ରେ ମାଲ୍ୟାର୍ପଣ କରି ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ ।

## ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ଅନୁଗୋଳ,(ମହାଭାରତ ): ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଆଖତର ଅଧ୍ୟକ୍ଷତାରେ ଆଠମଲ୍ଲିକ ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆରକ୍ଷୀ ଅଧିକ୍ଷକ ଶ୍ରୀ ରାହୁଲ ଜୈନ ଏହି ଶିବିରରେ ଯୋଗ ଦେଇଥିଲେ । ଜନଶୁଣାଣି ଶିବିରରେ ସମୁଦାୟ ୨୭୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୭୫ଟି ବ୍ୟକ୍ତିଗତ ଓ ୨ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ରେଡକ୍ରସ ପାଣ୍ଠିରୁ ୪ ଜଣଙ୍କୁ ୧୫ ହଜାର ୫୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ତେଜସ୍ୱିନୀ ବେହେରା, ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ଶ୍ରୀ ସନ୍ତୋଷ କେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉଦ୍ୟାନ ବିଭାଗର ଉପ-ନିର୍ଦ୍ଦେଶକ ଶ୍ରୀ ଅମ୍ୱ୍ରେର ଲୁଗୁନ୍, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ସେହିପରି ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୪୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

## ଆସିକା ବରିଷ୍ଠ ନାଗରିକ ସଙ୍ଘ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ ପାଳିତ



ଆସିକା (ମହାଭାରତ): ପୁଣ୍ୟାତ୍ମା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ୧୪୭ ତମ ଜନ୍ମ ଜୟନ୍ତୀ ଆସିକା ବାଣୀବିହାର ସ୍ଥିତ ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର ପକ୍ଷରୁ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗଣେଶ ରଥ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଫୋଟୋ ଚିତ୍ରରେ ଭକ୍ତି ପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଅବସରରେ ଶିକ୍ଷକ ନେତା ପୀତବାସ ମହାପାତ୍ର, ସମବାୟବିତ ପ୍ରଦୀପ ପାଣିଗ୍ରାହୀ ଓକିଲ ସଂଘ ର ସମ୍ପାଦକ ବିଦେଶୀ ନାୟକ,ବରିଷ୍ଠ ଆଇନଜୀବି ଅନିଲ କୁମାର ପାଣିଗ୍ରାହୀ, ଅସର ପ୍ରାପ୍ତ ଶିକ୍ଷା ନିରୀକ୍ଷକ ବନମାଳୀ ସାମନ୍ତରାୟ, ଆସିକା ବିଜ୍ଞାନ କଲେଜ ର ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ମହାନ୍ତି, ଅସର ପ୍ରାପ୍ତ ଇଂରେଜ ଶିକ୍ଷକ ଭବାନୀ ଶଙ୍କର ରଥ, ଆଇନଜୀବି ଦିଲ୍ଲୀପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ, ସମାଜ ସେବୀ, ବଦନତା, ପରୋପକାରୀ, ସମାଜ ପ୍ରତି ତାଙ୍କର ଅବଦାନ ଉପରେ ବହୁ ବକ୍ତା ମତ ରଖିଥିଲେ । ଆଜିର ଯୁବ ସମାଜ ଗୋପବନ୍ଧୁ ଙ୍କ ନୀତି ଆଦର୍ଶକୁ ଅନୁପ୍ରାଣିତ କଲେ ସୁ ସମାଜ ଗଠନ ହୋଇ ପାରିବ ବୋଲି ଉପସ୍ଥିତ ସଜଭ୍ର ମଣ୍ଡଳୀ ମତ ରଖିଛନ୍ତି ।

## ବେଆଇନ ବାଣ କାରଖାନା ଉପରେ ପୋଲିସର ଚଢ଼ାଉ

# ବିପୁଳ ବାଣ ସହ ବାରୁଦ ଜବତ



ଅନୁଗୋଳ,(ମହାଭାରତ ):ଅନୁଗୁଳ ଏସ ପି ଶ୍ରୀ ରାହୁଲ ଜୈନ ଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୁଳ ପୋଲିସ ର ସ୍ୱତନ୍ତ୍ର ସ୍ପେଶାଲ ସ୍କ୍ୱାର୍ଡ ଟିମ୍ ଆଜି ଜରପଡା ଥାନା ଅନ୍ତର୍ଗତ ଜରଡ଼ା ଅଞ୍ଚଳରେ ବେଆଇନ ବାଣ କାରଖାନା ଉପରେ ଚଢ଼ାଉ କରିଛନ୍ତି । ଏହି ଚଢ଼ାଉରେ ବିପୁଳ ପରିମାଣ ର ବାଣ ଜବତ ହୋଇଥିବା ବେଳେ ଉକ୍ତ ବେଆଇନ ବାଣ କାରଖାନା ରୁ ୩୬ କେଜିରୁ ଉର୍ଦ୍ଧ ବାରୁଦ ଜବତ କରିଛି ପୋଲିସ ।ଏହି ମାମଲାରେ ପୋଲିସ ଦୁଇ ଜଣଙ୍କୁ ଅଟକ ରଖିଥିବା ନେଇ ଅନୁଗୁଳ ଥାନା ଅଧିକାରୀ ଶ୍ରୀ ଧୀରେସ କୁମାର ଦାସ ସୂଚନା ଦେଇଛନ୍ତି । ସେହିଭଳି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅନୁଗୁଳ ସଦର ଥାନା ଅନ୍ତର୍ଗତ କରଡ଼ାଗାଡ଼ିଆ ଅଞ୍ଚଳରେ ବେଆଇନ ବାଣ ଗୋଦାମ ଉପରେ ଚଢ଼ାଉ କରିଛନ୍ତି । ଏହି ଚଢ଼ାଉରେ ବିପୁଳ ପରିମାଣ ର ବାଣ ଜବତ ହୋଇଥିବା ବେଳେ ଏଥି ମଧ୍ୟରୁ ସୀସା ପାଖାପାଖି ୨୫ କେଜି, ସୁତୁଲି ୪୦ କେଜି, ଟିଣ ଠିପି ଦୁଇ ହଜାର ପିସ୍ , ଲୁହା ଗୁଣ୍ଡ ୩ କେଜି, ନଡ଼ିଆ ବାଣ ଦୁଇଶହ ପିସ୍, ପେପର ପାଇପ ୬୫୦ ପିସ୍, ବଡ ପେପର ବମ୍ ୧୨୦ ପିସ୍, ଛୋଟ ପେପର ବମ୍ ୯୦ ଟା, କୋଇଲା ପାଉଡର ୨୫ କେଜି, ମିକ୍ସ ପେପର ଦୁଇ କେଜି, ସିଲଭର ପାଉଡର ୧୨ କେଜି ଜବତ କରିଛି ପୋଲିସ । ଏହି ମାମଲାରେ କରଡ଼ାଗାଡିଆ ଗ୍ରାମର ଅଜୟ ପୃଷ୍ଟି ବାପା ଶିବ ପ୍ରସାଦ ପୃଷ୍ଟିଙ୍କୁ ପୋଲିସ ଅଟକ ରଖାଯାଇଛି ।ତେବେ ପାର୍ବଣ କୁ ଦୃଷ୍ଟିରେ ରଖି ଅନୁଗୁଳ ପୋଲିସ ଆକ୍ସନ ମୁଡ୍ ରେ ଥିବା ବେଳେ, ନୂତନ କରି ଜିଲ୍ଲାରେ ଏସ୍‌ପି ଭାବେ ଯୋଗଦେଇଥିବା ଶ୍ରୀ ରାହୁଲ ଜୈନ ଏଥିନେଇ ତତ୍ପର ରହି ଏହି ପାର୍ବଣରେ କ୍ରାଇମକୁ ଦମନ କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିବା ଦେଖାଯାଇଛି ।

## ପ୍ରଥମେ ଚକ ରେକର୍ଡ ଉଚ୍ଛେଦ ପରେ ଜମି ଅଧିଗ୍ରହଣ ଦାବିରେ ଚାଷୀ ସୁରକ୍ଷା କମିଟିର ବିକ୍ଷୋଭ




ଅନୁଗୁଳ,(ମହାଭାରତ):ପ୍ରଥମେ ଚକବନ୍ଦୀ ରେକର୍ଡ ଉଚ୍ଛେଦ ଓ ପରେ ରେଳ ବିଭାଗ ଦ୍ୱାରା ଜମି ଅଧିଗ୍ରହଣ ଏବଂ ଚକଭୁକ୍ତ ମୌଜାର ଜମିର ମୂଲ୍ୟ ନିର୍ଦ୍ଧାରଣ କରି ତହସିଲର ସର୍ବାଧିକ ମୂଲ୍ୟରେ ବିକ୍ରୟ ଜମିକୁ ଆଧାର ଭାବରେ ଗ୍ରହଣ କରାଯାଇ କ୍ଷତିପୂରଣ ପ୍ରଦାନ ଦାବିରେ ଅନୁଗୁଳ ଜିଲ୍ଲା ଚଷୀ ସୁରକ୍ଷା କମିଟି ନେତୃତ୍ୱରେ ଏକ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଓ ମହିଳା ଅନୁଗୁଳ ଜଗନ୍ନାଥ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ପହଞ୍ଚି ଚାଷୀ ସୁରକ୍ଷା କମିଟିର ସଭାପତି ଶ୍ରୀ ପ୍ରଦିପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା । ସେଠାରେ କମିଟିର ସଭ୍ୟ ଶ୍ରୀ ବ୍ରଜବନ୍ଧୁ ସାହୁ, ଜଣାଶୁଣା କୃଷକ ନେତା ଏ.ଆଇ.କେ.କେ.ଏମ୍.ଏସ୍.ର ରାଜ୍ୟ ସମ୍ପାଦକ ଶ୍ରୀ ରଘୁନାଥ ଦାଶ, ଶ୍ରୀ ତରୁଣ ଦେହୁରୀ, ଶ୍ରୀ ଦୁର୍ଗାଚରଣ ପ୍ରଧାନ, ଶ୍ରୀ ଦିବାକର ମହାଳିକ, ଶ୍ରୀ ହେମନ୍ତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେକି, ଦାବି ହାସଲ ପର୍ଯ୍ୟନ୍ତ ଐକ୍ୟବଦ୍ଧ ହୋଇ ଦୀର୍ଘସ୍ଥାୟୀ ଆନ୍ଦୋଳନ ଗି ତୋଳିବାକୁ ଆହ୍ୱାନ ଦେଇଥିଲେ । ସରକାର ଯଦି ଚକବନ୍ଦୀ ଉଚ୍ଛେଦ ବିନା ଜମି ଅଧିଗ୍ରହଣ କରନ୍ତି, ତାହାକୁ ସମ୍ପୂର୍ଣ୍ଣ ବିରୋଧ କରାଯିବ । ସେଥିପାଇଁ ଯେଉଁ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବ ସରକାର, ଜିଲ୍ଲା ପ୍ରଶାସନ ଦାୟୀ ରହିବେ । ଅନ୍ୟପକ୍ଷରେ ଚକରେକର୍ଡ ଥିବାରୁ ଜମିର ପ୍ରକୃତ ମୂଲ୍ୟ ନିର୍ଦ୍ଧାଣ ହୋଇପାରିନାହିଁ । ଏହିଭଳି ସ୍ତରରେ କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ତହିସର ସର୍ବାଧିକ ମୂଲ୍ୟରେ କ୍ରୟ ବିକ୍ରୟ ହୋଇଥିବା ଗ୍ରାମର ମୂଲ୍ୟ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାକୁ ଦୃଢ଼ ଦାବି କରାଯାଇଥିଲା । ସଭାସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ପ୍ରଦିପ କୁମାର ପ୍ରଧାନଙ୍କ ନେତୃତ୍ୱରେ ହେମନ୍ତ କୁମାର ଦାସ, କାଳିଚରଣ ପ୍ରଧାନ, ରବିନ୍ଦ୍ର ସାହୁ, ଅଭୟ ଧର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

## ଦିବ୍ୟାଙ୍ଗ ଶିଶୁ ଦିବ୍ୟଜ୍ୟୋତି, ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ



ଦାନଗଦୀ(ମହାଭାରତ) : ଜଣେ ଦିନମଜୁରିଆଙ୍କ ଦୁଃଖ ଓ ପରିବାରରେ ଏବେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି, ପୁଅ ପାଇଁ ବାପା, ମା କାନ୍ଦି କାନ୍ଦି ଦିନ ସରୁଛି । ଯାହା ଦୁଇ ପଇସା ରୋଜଗାର ହେଉଛି ପୁଅ ପିଛାରେ ଖର୍ଚ୍ଚ ହେଉଛି କିନ୍ତୁ କିଛି ସୁଫଳ ମିଳୁନାହିଁ, ଏପରି ଏକ ଶିଶୁର କରୁଣ ଚିତ୍ର ଦେଖିବାକୁ ମିଳିଛି ,ଦାନଗଦୀ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ଜେମାଦେଇପୁର ଗାଁରେ । ଏହି ଗାଁର ଅଜୟ କୁମାର ପାତ୍ର ଓ ଅଞ୍ଜଳି ପାତ୍ରଙ୍କର ପୁଅ ଦିବ୍ୟଜ୍ୟୋତି (୭),ଜନ୍ମର ଏକ ବର୍ଷ ପରେ ସେ ହୋଇଯାଇଛି ଦିବ୍ୟାଙ୍ଗ, ଚଳ ପ୍ରଚଳ କରିପାରୁନାହିଁ, ବସାଇଲେ ବସୁଛି ନଚେତ ଖାଲି ଶୋଇ ରହୁଛି, ଆଜକୁ ଦୀର୍ଘ ଛଅ ବର୍ଷ ହେବେ ବିଛଣାରେ ଶଯ୍ୟାଶାୟୀ ଦିବ୍ୟଜ୍ୟୋତି ,ଶତପ୍ରତିଶତ ଦିବ୍ୟାଙ୍ଗ । ଏହି ଶିଶୁଟି ପାଇଁ ବାପା, ମା ଯାହା ରୋଜଗାର କରି ଆଣିଲେ ସର୍ବସ୍ୱ ହରାଇ ସାରିଲେଣି । ବଡ଼ ଦୁଃଖର କଥା ଏହି ଗରିବ ପରିବାରଟିର ଜମି ବାଡ଼ି କିଛି ନାହିଁ । ଯାହା ଘରଡିହ ଖଣ୍ଡକ, ଚାଳଛପର ଘର ଖଣ୍ଡକ ଭାଙ୍ଗି ଗଲାଣି, ରାସନ କାର୍ଡ ମଧ ନାହିଁ, ଘର ଚଳିବା କଷ୍ଟକର ହୋଇ ପଡୁଛି, ସ୍ୱାସ୍ଥ୍ୟ ବିଭାଗ ତରଫରୁ ପୁଅ ପାଇଁ ଦିବ୍ୟାଙ୍ଗ ପ୍ରମାଣ ପତ୍ର ଗୋଟେ ସୁଦ୍ଧା ମିଳିପାରୁନାହିଁ । ବହୁତ ଭିନ୍ନକ୍ଷମ ଶିବିର ଓ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୌଡ଼ି ଦୌଡ଼ି ନିରାଶ ହେଲେଣି ପିତା ଅଜୟ, ଗରିବ ଦିନ ମଜୁରୀଆ ଅଜୟଙ୍କ ପୁଅ ଦିବ୍ୟାଙ୍ଗ ଦିବ୍ୟଜ୍ୟୋତି କୁ ଦୃଷ୍ଟି ଦେଇ ସହାୟତା ଯୋଗାଇ ଦେଲେ ଶିଶୁଟିର ଉନ୍ନତ ଚିକିତ୍ସା ହୋଇ ପାରନ୍ତା, ତେଣୁ ଏହି ଶିଶୁପ୍ରତି ଦୃଷ୍ଟି ଦେବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି ।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦନ୍ତା ହାତୀର ମୃତ୍ୟୁ,

ଅନୁଗୋଳ:(ମହାଭାରତ):ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦନ୍ତା ହାତୀର ମୃତ୍ୟୁ । ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅନ୍ତର୍ଗତ ସାପଘରା ପଞ୍ଚାୟତ ଶିରିଶକଟା ଜଙ୍ଗଲ ମଧ୍ୟରୁ ଏକ ଦନ୍ତା ହାତୀର ମୃତ ଶରୀର ଉଦ୍ଧାର କରିଛି ବନବିଭାଗ । ଜନ୍ତୁ ଶିକାର ପାଇଁ ବିଛା ହୋଇଥିବା ବିଦ୍ୟୁତ ତାର ଯୋଗୁଁ ଦନ୍ତା ହାତୀର ମୃତ୍ୟୁ ହୋଇଥିବା ସୂଚନା ମିଳୁଛି । ଆଠମଲ୍ଲିକ ଅଞ୍ଚଳରେ ଦୀର୍ଘ ଦିନର ବ୍ୟବଧାନ ପରେ ହାତୀ ମୃତ୍ୟୁ ହେଇଥିବା ଦେଖିବାକୁ ମିଳିଥିବା ବେଳେ, ଘଟଣା ସ୍ଥଳରେ ବନ ବିଭାଗ ପହଞ୍ଚି ଦତନ୍ତ ଆରମ୍ଭ କରିଛି । ସ୍ଥାନୀୟ ଲୋକ ଙ୍କ କହିବାନୁଯାୟୀ ବନ ବିଭାଗ ସହିତ ସାଧାରଣ ଲୋକଙ୍କ ସୁ ସମ୍ପର୍କ ନ ଥିବାରୁ ବିଭିନ୍ନ ସମୟରେ ବନ୍ୟ ଜନ୍ତୁ ପ୍ରାଣୀ ଙ୍କର ମୃତ୍ୟୁ ଘଟୁଛି । ବିଭିନ୍ନ ସମୟରେ ଧଣ୍ଡାତୋପା ରେଞ୍ଜ ରେ ବନ୍ୟ ଜନ୍ତୁ ଙ୍କ ଶିକାର ହୋଇ ଥିବାବେଳେ ସ୍ଥାନୀୟ ରେଞ୍ଜର ଙ୍କ କାର୍ଯ୍ୟ କଳାପ ଏବେ ସନ୍ଦେହ ଘେରରେ ଥିବା ସାଧାରଣରେ ଚର୍ଚ୍ଚା ହେଉଛି ।ଏ ଘଟଣା କୁ ନେଇ ଉରଙ୍ଗ ରେଞ୍ଜର ଅଧିକାରୀ ଙ୍କୁ ଘଣ୍ଟ ଘଡାଇ ବାକୁ ଚେଷ୍ଟା କରୁଥିବା ସାଧାରଣ ରେ ଅନୁମାନ କରାଯାଉଛି ।

## ମନ୍ଦିରକୁ ବି ଛାଡ଼ି ଲେନି ଚୋର



ହାଟଡିହି ଅଞ୍ଚଳ ରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରି, ବିଭିନ୍ନ ଲୋକ ଘରୁ ଲୁଟ କରୁଥିବା ଚୋର ମାନେ ଏବେ ମା ଦୁଆରଶୁଣି ମନ୍ଦିର ରୁ ଲୁଟ କରୁଥିବା ବେଳେ ଲୋକ ଙ୍କୁ ଦେଖି ପଳାଇଥିଲେ । ଘଟଣା ଟି ଘଟିଛି ଛେନାପଦୀ ଓ ହଦଗଡ଼ ରାସ୍ତା ରୁ କିଛି ବାଟ ଗଲେ ମଠ ଗୋବିନ୍ଦପୁର ସ୍ଥିତ ମା ଦୁଆର ଶୁଣି ଙ୍କ ମନ୍ଦିରରେ । ସୂଚନା ଅନୁଯାୟୀ ଗତ କାଲି ବିଳମ୍ବିତ ରାତି ରେ ଏକ ବୋଲେରୋ ଏହି ସ୍ଥାନ ରେ ରହିଥିଲା ସେଠାରେ କିଛି ଲୋକେ ଭୋରରୁ ମନ୍ଦିର ଆସି ଦେଖିବା ବେଳକୁ ମନ୍ଦିର ଛବି କଟା ହୋଇ ପଡ଼ିଛି । ଠାକୁର୍ ଙ୍କ ଦାନ ହୁଣ୍ଡି ଟିକୁ ଭାଙ୍ଗି ଲୋକ ଙ୍କ ଦାନ ଅର୍ଥ ନେଇ ଯାଇଛନ୍ତି । ଯାହାକୁ ନେଇ ମନ୍ଦିର ପରିଚାଳନା କମିଟି ସଦସ୍ୟ ମାନେ ପହଞ୍ଚି ପ୍ରକୃତ ଘଟଣା ଦେଖିଥିଲେ ଓ ପରେ ନନ୍ଦିପଦା ପୋଲିସ କୁ ଏହି ସମ୍ପର୍କ ରେ ଏକ ଲିଖିତ ଅଭିଯୋଗ ମଧ କରିଥିଲେ ।

## ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଓ ସ୍ୱଚ୍ଛ ଭାରତ ଅଭିଯାନ



କେନ୍ଦ୍ରାପଡ଼ା, (ମହାଭାରତ): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ବିକାଶ ମଞ୍ଚର ସଭାପତି ପରିବେଶବିତ୍ ତଥା ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ସମାଜସେବୀ କାଶିନାଥ ରାଉତରାୟଙ୍କ ନେତୃତ୍ୱରେ ଗରାପୁର ଭିଆଇପି ରୋଡଠାରେ ବକୁଳ, କୃଷ୍ଣଚୂଡା, ରାଧାଚୂଡା ପ୍ରଭୃତି ବୃକ୍ଷରୋପଣ କରାଯିବା ସହିତ କପାଳେଶ୍ୱର ରାଜୀବ ଭବନ ପାର୍ଶ୍ୱରେ ୨୦୦ରୁ ଉର୍ଦ୍ଧ୍ୱ ତାଳଚାରା ରୋପଣ କରାଯାଇଛି । ସେହିପରି ମହାକାଳପଡା ଜଗନ୍ନାଥ ମନ୍ଦିର ପରିସରରେ ଅଁଳା, ବକୁଳ, କୃଷ୍ଣଚୂଡା ରୋପଣ ସହ ତେରଙ୍ଗା ନଦୀ ପାର୍ଶ୍ୱରେ ହଜାରରୁ ଉର୍ଦ୍ଧ୍ୱ ତାଳ ଚାରା ରୋପଣ କରାଯାଇ ବିଶ୍ୱତାପନରୁ ମୁକ୍ତ ଓ ବଜ୍ରପାତଜନିତ ମୃତ୍ୟୁ ହ୍ରାସ କରିବା ସହ ବାୟା ଚଢେଇର ସୁରକ୍ଷା ପାଇଁ ବିକାଶ ମଞ୍ଚ ଜନ ସଚେତନତା କରାଇଛି । ସବୁଜ ବଳୟ ସୃଷ୍ଟି କରି ସ୍ୱଚ୍ଛ ଭାରତ ଗଠନ ପାଇଁ ବିକାଶ ମଞ୍ଚର ସଭାପତି ଏବଂ ଉପଦେଷ୍ଟା ଶିକ୍ଷାବିତ୍ ପ୍ରଣବ କୁମାର ଜେନା ଯୁବପିଢିମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିକାଶ ମଞ୍ଚର ସଦସ୍ୟ ରମେଶଚନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର ମହାପାତ୍ର, ଦେବାଶିଷ ମହାପାତ୍ର, ହେମନ୍ତ କୁମାର ସାମଲ, ବିଜୟ କୁମାର ବିଶ୍ୱାଳ, ବିଶ୍ୱଜିତ୍ ମହାପାତ୍ର, ହରେକୃଷ୍ଣ ସେଠୀ, ରବିନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

## ବିଜେଡି ସଦସ୍ୟତା ଅଭିଯାନ ଆରମ୍ଭ : ରାଜ୍ୟ ରୁ ବିଜେପି ସରକାର ହଟାଇବାକୁ କର୍ମୀ ତତ୍ପର ହେବା ଆବଶ୍ୟକ

ନୟାଗଡ଼, ( ମହାଭାରତ ) : ପୁର୍ଣ୍ଣ ଆତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ଆରମ୍ଭ ହୋଇଛି ବିଜେଡିର ସଦସ୍ୟ ସଂଗ୍ରହ ଅଭିଯାନ । ଶଙ୍ଖ ଭବନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି । ନବୀନ ବିଜେଡିର ପ୍ରଥମ ସଦସ୍ୟ ହୋଇଛନ୍ତି । ଦସ୍ତଖତ କରି ଏକାମ୍ର ଭୁବନେଶ୍ୱରରୁ ସେ ଏହି ସଦସ୍ୟତା ଗ୍ରହଣ କରିଛନ୍ତି । ଆଜି ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଜିଲ୍ଲା ସ୍ତରୀୟ ବିଜୁ ଜନତା ଦଳର ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି । ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ବିଜେଡି ପ୍ରବକ୍ତା ନାରୀ ନେତ୍ରୀ ଇରାନୀ ରାୟ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ କର୍ମୀଙ୍କ ମନବଳ ବୃଦ୍ଧି କରିଥିଲେ । ମିଛୁଆ ସରକାରଙ୍କୁ ହଟାଇବାକୁ ହେଲେ କର୍ମୀମାନେ ତତ୍ପର ହେବା ଆବଶ୍ୟକୟ ଲୋକଙ୍କୁ ମିଛ କହି ଆସିଥିବା ସରକାରଙ୍କର ନିଦ ହଜାଇଦେବା ପାଇଁ କର୍ମୀଙ୍କୁ ମନ୍ତ୍ର ଦେଇଥିଲେ ଅରୁଣ । ମନରେ ଯୋଶ୍ ଆସିଲେ ମିଛୁଆ ସରକାରଙ୍କ ହୋସ୍ ଉଡିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ସେ ନିଜେ ସଦସ୍ୟତା ଗ୍ରହଣ କରିଥିଲେ । ସଦସ୍ୟତା ଦୁଇ ପ୍ରକାରରେ ଅନୁଷ୍ଠିତ ହେବ । ଡିଜିଟାଲ ମାଧ୍ୟମରେ ହେବା ସହିତ ଘର ଘର ବୁଲି ଫିଜିକାଲି ସଭ୍ୟ ସଂଘ କରିବା ପାଇଁ ପରାମର୍ଶ ଦେଇଥିଲେ । ଜଣେ ବ୍ୟକ୍ତି ସଦସ୍ୟତା ହେବା ସହିତ ସକ୍ରିୟ ସଭ୍ୟ ହେବା ପାଇଁ ୨୫ ଜଣଙ୍କୁ ସଦସ୍ୟତା ଗ୍ରହଣ କରାଇବାକୁ ପଡିବ । ଯେଉଁ ଦଳ ଯେତେ ପରିମାଣରେ ସଭ୍ୟ ସଂଗ୍ରହ କରିଛି । ସେ ଦଳ ସେତିକି ଶକ୍ତିଶାଳୀ ହୋଇଛି ବୋଲି ଡ. ସାହୁ ପ୍ରକାଶ କରିଥିଲେ । ଏହି ଅବସରରେ ରଣପୁର ପୁର୍ବ□ନ ବିଧାୟକ ସତ୍ୟନାରାୟଣ ପ୍ରଧାନ ମତ ଭେଦ ନରଖି ଏକାଠି ଚାଲିବା ପାଇଁ ପରାମର୍ଶ ଦେଇଥିଲେ । ନୟାଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ନବୀନଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଦୃତାର ସହ କାର୍ଯ୍ୟ କରିବା ପାଇଁ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୦ ବର୍ଷର ଉଜୁଡା ଓଡିଶାକୁ ନବୀନ ପଟ୍ଟନାୟକ ସୁନାର ଓଡିଶା ଭାବେ ଗଠନ କରିଛନ୍ତି । ଆଜିକାର ସରକାର ଏକ ମିସକଲ ସରକାର ଓ ମିଛୁଆ ସରକାର ବୋଲି ସେ ପ୍ରକାଶ କରିଥିଲେ । ନିର୍ବାଚନ ସମୟରେ ମିଛ ପ୍ରତିଶୃତି ଦେଇ ସରକାରକୁ ଆସିଛନ୍ତି । ଭତ୍ତା ଠାରୁ ଆରମ୍ଭ କରି ବିଦ୍ୟୁତ, ଓଡିଆ ଅସ୍ମିତା, ସୁଭଦ୍ରା ଯୋଜନା, ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା, ଦରଦାମ ବୃଦ୍ଧି ଆଦି ସମସ୍ତ କ୍ଷେତ୍ରରେ ଏ ସରକାର ମିଛ କହି ଚାଲିଛନ୍ତି । ମାଙ୍କଡ ହାତରେ ଶାଳଗ୍ରାମ ପରି ଏ ସରକାର ଚାଲିଛି । ଏ ସରକାର ସମସ୍ତ ପ୍ରତିଶୃତି ଭୁଲିଯାଇ କେବଳ ରଙ୍ଗ ବଦଳାଇବା କାମରେ ନ୍ୟସ୍ତ ରହିଛି । ବିଜୁ ଜନତା ଦଳକୁ ସକ୍ରିୟ କରିବା ପାଇଁ ଆଜିଠାରୁ ସମସ୍ତ ନେତା ଓ କର୍ମୀ ମାନେ ସଦସ୍ୟତା ଅଭିଯାନକୁ ଜୋରଦାର କରିବା ପାଇଁ ପରାମର୍ଶ ଦେଇଛନ୍ତି । ସାରା ରାଜ୍ୟରେ ନୟାଗଡ଼ ଜିଲ୍ଲା ଯେପରି ସଦସ୍ୟତା ଅଭିଯାନରେ ଏକ ନମ୍ବର ହେବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ନାରୀ ନେତ୍ରୀ ଇରାନୀ ରାୟ ବିଜୁ ଜନତା ଦଳକୁ ସକ୍ରିୟ ହେବା ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକୟ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ସମସ୍ତେ ଯୋରଦାର ପ୍ରସ୍ତୁତି ଆରମ୍ଭ କରିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ୮ ଗୋଟି ବ୍ଲକର ସମସ୍ତ ଜନ ପ୍ରତିନିଧିଙ୍କ ସମେତ ଏନଏସି ଓ ପୌର ପରିଷଦର ଜନପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳର ମହିଳା ସଭା ନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଜିଲ୍ଲା ପରିଷଦ ସୁବାଷ କଅଁର, ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ବିଜେଡି ଜିଲ୍ଲା ପରିଷଦ ସରପଞ୍ଚ ସମିତି ସଭ୍ୟ ଓ ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ହୁଡ୍ଡାଙ୍କୁ ଟାର୍ଗେଟ କଲେ ସେଲଜା



**ନୂଆଦିଲ୍ଲୀ,୯।୧୦ :** ଭୁଲ୍ ହେଲା ଏକଜିଟ୍ ପୋଲ । ହରିୟାଣାରେ ଲଗାତାର ତୃତୀୟ ଥର ପାଇଁ ବହୁମତ ପାଇଲା ବିଜେପି । ଆଉ ହିଟ୍ରି ବିଜୟ ଆଶା ରଖିଥିବା କଂଗ୍ରେସ ୩୭ଟି ଆସନ ପାଇବା ପରେ ଏହାର ପ୍ରମୁଖ ନେତାମାନେ ଖୋଲାଖୋଲି ପରସ୍ପର ବିରୋଧରେ ଟିପ୍ପଣୀ ଦେବା ଆରମ୍ଭ କରି ଦେଇଛନ୍ତି । ଫଳାଫଳ ଆସିବା ପରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂହ ହୁଡ୍ଡାଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ଲୋକସଭା ସାଂସଦ କୁମାରୀ ସେଲଜା । କାରଣ ଭୂପିନ୍ଦର ସିଂହ ହୁଡ୍ଡାଙ୍କ ନେତୃତ୍ୱରେ କଂଗ୍ରେସ ହରିୟାଣାରେ ନିର୍ବାଚନ ଲଢ଼ିଥିଲା । ହରିୟାଣାରେ ଦଳକୁ ପୁନର୍ଜୀବିତ କରିବାକୁ କେନ୍ଦ୍ରୀୟ ନେତୃତ୍ୱକୁ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ । ସେହିପରି ଯେଉଁମାନଙ୍କ ଯୋଗୁ ହରିୟାଣା ବିଧାନସଭା ନିର୍ବାଚନରେ ଦଳର ପ୍ରଦର୍ଶନ ଖରାପ ହେଲା, ସେମାନଙ୍କୁ ଚିହ୍ନଟ କରାଯାଉ । ଯେଉଁ ବ୍ୟକ୍ତିମାନଙ୍କ ଯୋଗୁ ଦଳର ବିଜୟ ପ୍ରୟାସ ବିଫଳ ହେଲା, ସେମାନଙ୍କୁ ମଧ୍ୟ ଚିହ୍ନଟ କରିବାର ଆବଶ୍ୟକତା ରହିଛି ବୋଲି କୁମାରୀ ସେଲଜା କହିଛନ୍ତି । ସେ କହିଛନ୍ତି, ଫଳାଫଳ ଦେଖି କଂଗ୍ରେସ କର୍ମୀମାନେ ନିରାଶ ହୋଇଯାଇଛନ୍ତି । ଏହା ମୋତେ ଦୁଃଖ ଦେଉଛି । ମୋର ବିଶ୍ୱାସ ଅଛି ଯେ ଦଳର ହାଇକମାଣ୍ଡ ଏହି ପରାଜୟର ସମୀକ୍ଷା କରିବେ । ଦଳକୁ ହରିୟାଣାରେ ପୁଣି ଗି ଠୋଳିବାକୁ ହାଇକମାଣ୍ଡ ଯୋଜନା ପ୍ରସ୍ତୁତ କରିବେ ଓ ଯେଉଁମାନଙ୍କ ପାଇଁ ଦଳ ହାରିଛି, ସେମାନଙ୍କୁ ଚିହ୍ନଟ କରିବେ । ନିର୍ବାଚନ ପୂର୍ବରୁ ହରିୟାଣା କଂଗ୍ରେସରେ ଫାଟ ଦେଖା ଦେଇଥିଲା । ଅନେକ ସମୟରେ ହୁଡ୍ଡାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ କୁମାରୀ ସେଲଜା । ଏମିତିକି ସେ ସର୍ବସାଧାରଣରେ ବି ହୁଡ୍ଡାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ । ଅନ୍ୟପକ୍ଷରେ ବିଜେପି ହରିୟାଣାରେ ଲଗାତାର ତୃତୀୟ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି । ୯୦ଟି ଆସନରୁ ଦଳ ୪୮ଟିରେ ବିଜୟୀ ହୋଇଛି ।

# ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ୫୦ ବରିଷ୍ଠ ଡାକ୍ତରଙ୍କ ଇସ୍ତଫା

**କୋଲକାତା,୯।୧୦ :** କୋଲକାତା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ୫୦ ବରିଷ୍ଠ ଡାକ୍ତରଙ୍କ ଇସ୍ତଫା । ଜୁନିଅର ଡାକ୍ତରଙ୍କୁ ସମର୍ଥନ କରି ବରିଷ୍ଠ ଡାକ୍ତରମାନେ ଇସ୍ତଫା ଦେଇଛନ୍ତି । ଜଣେ ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟାକୁ ନେଇ ଜୁନିଅର ଡାକ୍ତରମାନେ ବିରାଟ ଆନ୍ଦୋଳନ କରିଥିଲେ । ସୁରକ୍ଷା ଓ ନ୍ୟାୟ ପାଇଁ ପ୍ରତିଶ୍ରୁତି ପାଇବା ପରେ ୪୨ ଦିନ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । କିନ୍ତୁ ରାଜ୍ୟ ସରକାର ପ୍ରତିଶ୍ରୁତି ପୂରଣ ନ କରିବା ଅଭିଯୋଗରେ ୫ ଦିନ ହେଲାଣି ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଜୁନିଅର ଡାକ୍ତର । ଗତ ଶନିବାରରୁ ସେମାନେ ଅନଶନ କରୁଛନ୍ତି । ଡାକ୍ତରଙ୍କ ସୁରକ୍ଷା ଓ ଦୁର୍ନୀତିମୁକ୍ତ ପରିଚାଳନା ଦାବି କରି ସେମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଜୁନିଅର ଡାକ୍ତରଙ୍କ ସମର୍ଥନ କରି ୫୦ ବରିଷ୍ଠ ଡାକ୍ତର ସାମୂହିକ ଇସ୍ତଫା ଦେଉଛନ୍ତି । ସେପଟେ ଗତକାଲି ମୁଖ୍ୟ ଶାସନ ସଚିବ ମନୋଜ ପନ୍ତ ପ୍ରତିଶ୍ରୁତି ଦେଇଥିଲେ । ମେଡିକାଲ କଲେଜଗୁଡ଼ିକରେ ଚାଲିଥିବା ସବୁ କାମର ୯୦ ପ୍ରତିଶତ ଆସନ୍ତା ମାସରେ ଶେଷ ହେବ । ତେଣୁ ଆନ୍ଦୋଳନ ପ୍ରତ୍ୟାହାର କରି କାମରେ ଯୋଗ ଦେବାକୁ ଡାକ୍ତରମାନଙ୍କୁ ସେ ଆହ୍ୱାନ ଦେଇଥିଲେ । ସେପଟେ ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଗତକାଲି ଚାର୍ଜସିଟ୍ ଦାଖଲ କରିଛି ସିବିଆଇ । ଅଭିଯୁକ୍ତ ସଞ୍ଜୟ ରାୟ ହିଁ ଏକାକୀ ସବୁ କାଣ୍ଡ ଘଟାଇଥିଲା ବୋଲି ଚାର୍ଜସିଟରେ ଉଲ୍ଲେଖ କରିଛି ସିବିଆଇ । ଅଗଷ୍ଟ ୯ରେ ରାତିରେ ଡ୍ୟୁଟି କରୁଥିବା ବେଳେ ସେମିନାର ହଲରେ ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା ।

# କ୍ଲଷ୍ଟରସ୍ତରୀୟ ସୁରଭି ଶିଶୁ ମହୋତ୍ସବ



**କଣ୍ଟାବାଞ୍ଜି,(ନିପ୍ର) :** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅନ୍ତର୍ଗତ ମାକରଚୁଆ କ୍ଲଷ୍ଟର ବାପୁଜି ଉଚ୍ଚ ବିଦ୍ୟାଳୟ ସରଗୁଲ ଠାରେ କ୍ଲଷ୍ଟର ସ୍ତରୀୟ ସୁରଭି ଶିଶୁ ମୋହସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଉକ୍ତ କଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ରିତା ଭଦ୍ରା ସରପଂଚ ଜରୁଆମୁଣ୍ଡା,ମୁଖ୍ୟ ବକ୍ତା ଗଜୟ ଦାସ ସିଆରସିସି ମାକାରଚୁଆ, ସଭାପତି ଭାବେ ଲଖମନ ସାହୁ ପ୍ରଧାନ ଶିକ୍ଷକ ବାପୁଜି ଉଚ୍ଚ ବିଦ୍ୟାଳୟ ସରଗୁଲ,ମଞ୍ଚ ପରିଚାଳନା ମଧୁସୂଦନ ବାଗ,ସମ୍ମାନନୀୟ ଅତିଥି ରଘୁମଣି ଭୋଇ ପ୍ରଧାନ ଶିକ୍ଷକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରଗୁଲ,ଗଣେଶ୍ୱର ମାଝୀ ନାଏବ ସରପଞ୍ଚ କରୁଆ ମୁଣ୍ଡା, ଓଁକାର ମାଝୀ ଏସଏମସି ସଭାପତି ସରଗୁଲ, ମାକାରଚୁଆ କ୍ଲଷ୍ଟର ର ଅନ୍ୟ ଶିକ୍ଷକ ମାନେ ବିଘେଁଶ୍ୱର ବଉକ,ସୁଖମଣି ରଣା, ନିଳକାନ୍ତ ରଣା, ଅକୁର ବେହେରା, ମହେଶ୍ୱର ଦେଓ,ସୁବଳ ରଣା, ଥବିର ବଉକ ପ୍ରମୁଖ ଉପସ୍ଥିତ ଥିଲେ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗାଇଡ଼ ଶିକ୍ଷକ ବୃନ୍ଦ ସହଯୋଗ କରିଥିଲେ ।

# ଗାଲାକ୍ସି ଏ୧୬ ୫ଜି, ପ୍ରଥମ ଏ ଶୃଙ୍ଖଳ ଷଷ୍ଠ ପୀଢ଼ି ସହିତ ଓଏସ କାୟାବୃଦ୍ଧିକୁ ନେଇ ଭାରତରେ ଶୁଭାରମ୍ଭ ପ୍ରସ୍ତୁତି

**ଭୁବନେଶ୍ୱର,୯।୧୦ (ମହାଭାରତ):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଅତି ଉଲ୍ଲାସର ସହିତ ଏହାର ଗାଲାକ୍ସି ଏ୧୬ ୫ଜି ସ୍ମାର୍ଟଫୋନ ଭାରତରେ ଶୁଭାରମ୍ଭ କରିବାର ଘୋଷଣା କରିଛି । ଷଷ୍ଠ ପୀଢ଼ି ସହିତ ଓଏସ କାୟାବୃଦ୍ଧି ଏବଂ ୬ ବର୍ଷର ସୁରକ୍ଷା ବୃଦ୍ଧି ପ୍ରଦାନ କରିବା ସହିତ ମଧ୍ୟମ ପରିସର ସ୍ମାର୍ଟଫୋନ ମଧ୍ୟରେ ଏହି ଗାଲାକ୍ସି ଏ୧୬ ୫ଜି ଏକ ମହତ୍ୱପୂର୍ଣ୍ଣ ମାଇଲଖୁଂଟ ସୃଷ୍ଟି କରିବାକୁ ଯାଉଛି । ଗ୍ରାହକମାନଙ୍କୁ ଅତୁଳନୀୟ ମୂଲ୍ୟ ପ୍ରଦାନ କରିବା ସହିତ ସାମସଙ୍ଗ ଗାଲାକ୍ସି ଏ୧୬ ୫ଜି ବର୍ଗିକୃତ ବିଭିନ୍ନ ଧରଣର ବିଶେଷତ୍ୱକୁ ନେଇ ଉପସ୍ଥାପିତ ହେବାକୁ ଯାଉଛି ।

ଗାଲାକ୍ସି ଏ୧୬ ୫ଜି ପ୍ରିମିୟମ ଗାଲାକ୍ସି ଏ ଶୃଙ୍ଖଳର ଅନେକ ଗୁଡ଼ିଏ ଡ଼ିଜାଇନକୁ 'କି ଆଇଲାଣ୍ଡ' ଭଳି ଅନେକ ଗୁଡ଼ିଏ ବିଶେଷତ୍ୱ ସହିତ ଏଥିରେ ସାମିଲ କରିଅଛି । ଏଥିରେ ରହିଥିବା କାଚ଼ର ନୂତନ ପଛପାର୍ଶ୍ୱ ଆସ୍ତରଣ, ଏକ ବଡ଼ ଡ଼ିସପ୍ଲେ ସହିତ ପତଳା ବେଜେଲ ଏହି ଗାଲାକ୍ସି ଏ୧୬ ୫ଜି ସ୍ମାର୍ଟଫୋନକୁ ଏକ ପ୍ରକୃତ ଆମୋଦ ପ୍ରଦାନକାରୀ ସାମଗ୍ରୀ ଭାବରେ ରୂପାନ୍ତରିତ କରିବା ସହିତ ଏଥିରେ ରହିଛି ପ୍ରବାହିତ ହେଉଥିବା ଦୃଶ୍ୟମାନର ପ୍ରସଙ୍ଗ । ତିନୋଟି ଅତ୍ୟନ୍ତ ଦୃଷ୍ଟି ଆକର୍ଷଣକାରୀ ରଙ୍ଗରେ ଏହି ଗାଲାକ୍ସି ଏ୧୬ ୫ଜି ଉପଲବ୍ଧ ହେଉଅଛି ଯେପରିକି ସୁନା ରଙ୍ଗ, ହାଲୁକା ସବୁଜ ତଥା ନୀଳ କଳା ।

ଏହାର ବିଭାଗ ଗୁଡ଼ିକ ମଧ୍ୟରେ ଷଷ୍ଠ ପୀଢ଼ି ସହିତ ଓଏସ କାୟାବୃଦ୍ଧି ଏବଂ ୬ ବର୍ଷର ସୁରକ୍ଷା ବୃଦ୍ଧି ପ୍ରଦାନ କରିବା ସହିତ ଗାଲାକ୍ସି ଏ୧୬ ୫ଜି ଭାରତର ସ୍ମାର୍ଟଫୋନ ଶିଳ୍ପରେ ମୂଲ୍ୟ ବ୍ୟବସ୍ଥାରେ ଆହୁରି ଅଧିକ ସଂଜ୍ଞା ପ୍ରଦାନ କରିବା ସହିତ ମଧ୍ୟମ ପରିସର ବର୍ଗିକୃତ ବିଭିନ୍ନ ଧରଣର ଅତୁଳନୀୟ ଅଭିଜ୍ଞତା ପ୍ରଦାନ କରିବା ସହିତ ଏହାର ବ୍ୟବହାରକାରୀମାନଙ୍କୁ ଅଧୁନାତମ ବିଶେଷତ୍ୱ ଯୁକ୍ତ ସ୍ମାର୍ଟଫୋନ ପାଇଁ ସକ୍ଷମ କରିବାରେ ସହାୟକ ହୋଇପାରିଛି ।

ଗାଲାକ୍ସି ଏ୧୬ ୫ଜି ଗାଲାକ୍ସି ଏ ଶୃଙ୍ଖଳ ସ୍ମାର୍ଟଫୋନର ପ୍ରଥମ ମଧ୍ୟମ ପରିସର ସ୍ମାର୍ଟଫୋନ ଅଟେ ଯାହାକି ଆଇପି୫୪ ରେଟିଙ୍ଗ ପ୍ରଦାନ କରିଥାଏ ଯାହାକି ସ୍ମାର୍ଟଫୋନକୁ ପାଣି ଏବଂ ଧୂଳିକଣାରୁ ସୁରକ୍ଷିତ ରଖିଥାଏ । ଅତ୍ୟନ୍ତ ଦରକାରୀ ତଥ୍ୟକୁ ସୁରକ୍ଷିତ ରଖିବା ପାଇଁ ପିନ ଏବଂ ପାଶୱାର୍ଡ଼ ସହିତ ଏହା ନକ୍ସଭଲ୍ଟ ଚ଼ିପ୍‌ସେଟରେ ଏହା ଆସୁଅଛି ।

ଅତିରିକ୍ତ ଭାବରେ ଅନୁପମ ଦୀର୍ଘସ୍ଥାୟୀ ସହିତ ସାମସଙ୍ଗ ଗାଲାକ୍ସି ଏ୧୬ ୫ଜି ଅନେକ ଗୁଡ଼ିଏ ସର୍ବୋତମୁଖୀ ବିଶେଷତ୍ୱକୁ ନେଇ ଆସୁଅଛି ଯାହା ମଧ୍ୟରେ ରହିଛି – ତିନୋଟି କ୍ୟାମେରା ପ୍ରଣାଳୀ ସହିତ ଅଲଟ୍ରା ପ୍ରସାରିତ ଲେନ୍ସର ଗଠନ ଯାହାକି ଚ଼ିତାକର୍ଷକ ଛବି ଉତୋଳନ ସହିତ ଦୃଶ୍ୟପଟକୁ ଅଧିକ ବିସ୍ତାରିତ କରିଥାଏ । ଗାଲାକ୍ସି ଏ୧୬ ୫ଜି ଗାଲାକ୍ସି ଏ ଶୃଙ୍ଖଳ ଉପରେ ପ୍ରତିଷ୍ଠିତ ଅଟେ ଯାହାକି କ୍ୟାମେରା କ୍ଷମତା ବୃଦ୍ଧିକୁ ଅଧିକ କ୍ରିୟାଶୀଳ କରିବା ସହିତ ଏଥିରେ ଭରି ରହିଛି ଅତୁଳନୀୟ ସେବା ଯାହାକି ବ୍ୟବହାରକାରୀମାନଙ୍କୁ ସେମାନେ ପୂର୍ବରୁ କେବେ ବ୍ୟବହାର କରି ନଥିବା ସୃଜନଶୀଳତାର ପରିପ୍ରକାଶ ଘଟାଇଥାଏ ।

# ସୁଭଦ୍ରା ଆବେଦନକାରୀଙ୍କଠୁ ଟଙ୍କା ନିଆଯାଉଥିବା ଅଭିଯୋଗ

**ଗୁରୁଡ଼ିଝାଟିଆ,(ନିପ୍ର):** ଜନସେବା କେନ୍ଦ୍ର ଓ ସିଏସସି କେନ୍ଦ୍ରମାନଙ୍କରେ ଏବେ ସୁଭଦ୍ରା ଯୋଜନା ଆବେଦନକାରୀଙ୍କ ଭିଡ଼ି ଲମ୍ବୁଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଓ କେହି କେହି ଭୋର ୩ଟାରେ ମଧ୍ୟ କେନ୍ଦ୍ର ନିକଟରେ ଧାଡି ଲମ୍ବାଉଛନ୍ତି । ଏହାର ଫାଇଦା ନେଉଛନ୍ତି ଜନସେବା ଓ ସିଏସସି କେନ୍ଦ୍ରର ବ୍ୟକ୍ତି । ଇଚ୍ଛା ନଥିଲେ ମଧ୍ୟ ଟଙ୍କା ଦେବାକୁ ବାଧ୍ୟ ହେଉଛନ୍ତି ଆବେଦକାରୀ । କିଏ ୧ଶହ ତ କେଉଁଠି ୧୫୦ ଟଙ୍କା ଦେଉଛନ୍ତି । କାଳେ ଆବେଦନ ହୋଇପାରିବ ନାହିଁ, ଯାହାଫଳରେ କି ଯୋଜନାର ସୁଫଳ ପାଇପାରିବେ ନାହିଁ ସେଥିପାଇଁ ଦେଉଛନ୍ତି ଅର୍ଥ । ଆବେଦନକାରୀଙ୍କ ମାନସିକତାକୁ ଠଉରାଇ ନେଇ ସେମାନଙ୍କୁ ଲୁଟିବାରେ ଲାଗିଛନ୍ତି । ଆଠଗଡ଼ ବ୍ଲକ ଓ ଆଠଗଡ଼ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଏଭଳି ସ୍ଥିତି ଦେଖାଦେଇଛି । ଯାହାର ଉଦାହରଣ ଆଠଗଡ଼ ନିର୍ବାଚନ ମଣ୍ଡଳୀର କଖଡି ପଞ୍ଚାୟତ ଓ ଆଠଗଡ଼ ବ୍ଲକର ମଙ୍ଗେଶ୍ୱର ପଞ୍ଚାୟତକୁ ଅନୁଧ୍ୟାନ କଲେ ବେଶ ବାରି ହୋଇପଡ଼ିବ । ଜନସେବା କେନ୍ଦ୍ର ଓ ସିଏସସି କେନ୍ଦ୍ର ପରିଚାଳନା କରୁଥିବା ବ୍ୟକ୍ତିବିଶେଷ ଜଳଖିଆ ଓ ଚା' ଖର୍ଚ୍ଚ ନାମରେ ଏକ ପ୍ରକାର ଲୁଟିବାରେ ଲାଗିଛନ୍ତି । ସେମାନଙ୍କ ପାଇଁ ସୁଭଦ୍ରା ଯୋଜନା ଆବେଦନକାରୀ ପାଲଟିଛି ମହୁଫେଣା । ସରକାରଙ୍କ ନୀତି ନିୟମକୁ ସଂପୂର୍ଣ୍ଣ ଉଲ୍ଲଂଘନ କରି ଆବେଦନକାରୀଙ୍କଠାରୁ ଟଙ୍କା ଆଦାୟ କରିବାରେ ଲାଗିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସୁଭଦ୍ରା ଯୋଜନା ଆବେଦନକାରୀଙ୍କ ପାଇଁ କୌଣସି ଶୁଳ୍କ ସିଏସସି ଓ ଜନସେବା କେନ୍ଦ୍ର ନ ନେବା ପାଇଁ ନିୟମ କରିଥିଲେ ମଧ୍ୟ ଏହାକୁ ଖୁଲମଖୁଲା ଉଲ୍ଲଂଘନ କରାଯାଉଛି । ଭୟଶୂନ୍ୟ ଭାବେ ହିତାଧିକାରୀଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି । ଯାହା ତଦନ୍ତ ଓ ଅନୁଧ୍ୟାନ ସାପେକ୍ଷ । ଆବେଦନକାରୀ ମାନେ ଭୟରେ ମୁହଁ ଖୋଲୁନାହାନ୍ତି । ଆଠଗଡ଼ ଉପଖଣ୍ଡ ପ୍ରଶାସନ, ସ୍ଥାନୀୟ ପୁଲିସ କଣ ପାଇଁ ଜନସେବା ଓ ସିଏସସି କେନ୍ଦ୍ରଗୁଡିକୁ ଅନୁଧ୍ୟାନ କରୁନାହାନ୍ତି, ଯଦ୍ୱାରା କି ସତ୍ୟତା ପରଖି ପାରନ୍ତେ । ଅନେକ ସମୟରେ ହିତାଧିକାରୀଙ୍କୁ ବିଭିନ୍ନ ଆଳ ଦେଖାଇ ଫେରାଇ ମଧ୍ୟ ଦିଆଯାଉଛି । ତେଣୁ କଟକ ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ନାମ ଗୋପନ ରଖି ଅନୁରୋଧ କରିଛନ୍ତି କିଛି ଆବେଦନକାରୀ ।

# କୃଷି ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ



**ପିପିଲି,(ନିପ୍ର):** ଭୁବନେଶ୍ୱର ସ୍ଥିତ ଓୟୁଏଟି ଅଧିନ କୃଷି ମହାବିଦ୍ୟାଳୟ (କଲେଜ ଅଫ୍ ଏଗ୍ରିକଲ୍‌ଚର)ର ପ୍ରଥମ ବର୍ଷର ବିଏସ୍‌ସି ଛାତ୍ରଛାତ୍ରୀଙ୍କ ଦୁଇଦିନିଆ ଦିକ୍ଷାରମ୍ଭ କାର୍ଯ୍ୟକ୍ରମ ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ସ୍ଥିତ 'କଳିଙ୍ଗ ଛତୁ ଉଦ୍ୟୋଗ' ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଳିଙ୍ଗ ଛତୁ ଉଦ୍ୟୋଗର ପ୍ରତିଷ୍ଠାତା ତଥା କୃଷି ଉଦ୍ୟୋଗୀ ସନ୍ତୋଷ କୁମାର ମିଶ୍ର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଛତୁ ଉତ୍ପାଦନ, ଛତୁ ବିହନ ଉତ୍ପାଦନ ଏବଂ ଛତୁରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ଆଦି ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଏଥିସହ ନିଜର ଉଦ୍ୟୋଗ ପ୍ରତିଷ୍ଠା କରିବା ଏବଂ ଛତୁଚାଷ ସଂପର୍କରେ ସ୍ଥାନୀୟ ଅଞ୍ଚଳର ଯୁବଚାଷୀଙ୍କୁ ତାଲିମ ଦେଇ ସେମାନଙ୍କୁ ସ୍ୱାବଲମ୍ବି କରିବା ଆଦି ସଂପର୍କରେ ଶ୍ରୀମିଶ୍ର ନିଜର ଅଭିଜ୍ଞତାକୁ ଛାତ୍ରଛାତ୍ରୀଙ୍କ ନିକଟରେ ବିଷଦ ଭାବେ ବର୍ଣ୍ଣନା କରିଥିଲେ । ଛତୁଚାଷ ସଂପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମିଶ୍ର ବିଭିନ୍ନ କାହାଣୀ ମାଧ୍ୟମରେ ସର୍ବଦା କୃଷି ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ୭ଜଣ ପ୍ରଫେସରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ୍ ୧୭୫ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

# ବୁଡୁଣୀ ଗ୍ରାମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



**କଲ୍ୟାଣସିଂହପୁର,(ନିପ୍ର) :** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଷାଲି ପଞ୍ଚାୟତର ବୁଡୁଣୀ ଗ୍ରାମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ପାର୍ଷାଲି ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କ ନେତୃତ୍ୱରେ ଗ୍ରାମର ମହିଳା ପୁରୁଷମାନଙ୍କୁ ନେଇ ସ୍ୱଚ୍ଛତା ହିଁ ସେବା ବୋଲି ଏକ ଶୋଭାଯାତ୍ରା କରିବା ସହ ଗ୍ରାମର ସାହି, ଅଙ୍ଗନବାଡି କେନ୍ଦ୍ର ପରିସର ସଫେଇ କରିଥିଲେ । ଅଳିଆ ଆବର୍ଜନା ପଡି ରହିଲେ ,ତାହା ପଚି ଦୁର୍ଗନ୍ଧ ହେବା ସହ ମଶାମାଛିଙ୍କ ବଂଶ ବୃଦ୍ଧି ହେବ । ଯାହା ଫଳରେ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେବା ବୋଲି ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି । ଏହି ସଫେଇ ଅଭିଯାନରେ ପୂର୍ବତନ ସରପଞ୍ଚ ବାମ କାଡ୍ରାକା,ସମିତି ସଭ୍ୟ ବିକାଶ ବାଗ, ଅଙ୍ଗନବାଡି କର୍ମୀ ସାକ ୱାଡକା, ପଞ୍ଚାୟତ କାର୍ଯ୍ୟ ନିର୍ବାହ ଅଧିକାରୀ ଶ୍ରୀହରି ମହାନନ୍ଦିଆ ସମେତ ଗ୍ରାମର ଡଙ୍ଗରିଆ ଯୁବକ ଯୁବତୀ ମାନେ ଉପସ୍ଥିତ ରହିଥିଲେ ।

# ୫୧୦ ଲିଟର ଚୋରା ଦେଶୀ ମଦ ଜବତ ; ଜଣେ ଗିରଫ



**କଳାପଥର,(ନିପ୍ର) :** ପାର୍ବଣକୁ ଦୃଷ୍ଟିରେ ରଖି କିଛି ଦିନ ଧରି ବାଙ୍କୀ ଅଂଚଳରେ ଚାଲିଛି ଅବକାରୀ ବିଭାଗ ପକ୍ଷରୁ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ଉପରେ ଜୋରଧାର ଚଢାଉ କରାଯାଇଛି । ଭିନ୍ନ ଭିନ୍ନ ସ୍ଥାନରେ ଅବକାରୀ ଓ ପୁଲିସ ବିଭାଗ ପକ୍ଷରୁ ମିଳିତ ଚଢାଉରେ ହରିହର ଭେଟ ଛକ ଠାରୁ ଏକ ଦେଶୀ ମଦ ବୋଝେଇ ବୋଲେରୋ ଗାଡି ଜବତ କରାଯାଇଛି । ଏହା ସହିତ ଜଣେ ବେପାରୀକୁ ଗିରଫ କରାଯାଇଛି । ଗିରଫ ମଦ ବ୍ୟବସାୟୀଙ୍କ ଘର ବାରଙ୍ଗ ଥାନା ଅନ୍ତର୍ଗତ ସାନମୁଣ୍ଡଲୀ ଅଂଚଳ । ତାଙ୍କ ନାମ ବସନ୍ତ କୁମାର ବେହେରା । ବୋଲେରୋ ଗାଡି ରୁ ୫୧୦ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି । ଏହି ମଦ ବୋଝେଇ ବୋଲେରୋ ଗାଡିଟି ଆଠଗଡ ଅଂଚଳରୁ ଖୋର୍ଦ୍ଧା ଯିବା ବାଟରେ ଅବକାରୀ ଓ ପୁଲିସ ଧରିବାରେ ସଫଳ ହୋଇଛି । ସେପଟେ ବାଙ୍କୀ ମହୋତ୍ସବ ଅନ୍ୟପଟେ ଦଶହରାକୁ ଦୃଷ୍ଟିରେ ରଖି ଏ ଚଢାଉକୁ ଜୋରଦାର କରାଯିବ ବୋଲି ଅବକାରୀ ଉପନିରୀକ୍ଷ ସୌମ୍ୟ ରଞ୍ଜନ ମାଝୀ କହିଛନ୍ତି ।

# ନଳକୂପ ମରାମତି ମିସ୍ତ୍ରୀ ଓ ପମ୍ପଚାଳକଙ୍କ ଧାରଣା



**ବାସୁଦେବପୁର,(ନିପ୍ର):** ସ୍ୱାବଲମ୍ବୀ କାରିଗର ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ମହାସଂଘ ଆହ୍ୱାନରେ ନଳକୂପ ମରାମତି ମିସ୍ତ୍ରୀ ଓ ପମ୍ପ ଚାଳକମାନେ ଧାରଣା ଦେଇଛନ୍ତି । ପାରିଶ୍ରମିକ ପ୍ରଦାନରେ ଅବ୍ୟବସ୍ଥା ସହ ଉପଯୁକ୍ତ ଦରମା ପ୍ରଦାନ ଦାବିକୁ ନେଇ ନଳକୂପ ମରାମତି ମିସ୍ତ୍ରୀ ଓ ପମ୍ପ ଚାଳକମାନେ ବ୍ଲକ ପରିସରରେ ଧାରଣାରେ ବସିଛନ୍ତି । ପାନୀୟଜଳ ଯୋଗାଣକୁ ନେଇ ବ୍ଲକ ସ୍ତରରେ ବହୁ ପଦବୀ ଖାଲି ପଡ଼ିଥିବାବେଳେ ପଞ୍ଚାୟତମାନଙ୍କରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଅଣଦେଖା କରାଯାଉଥିବାକୁ ନେଇ ସଂଘ ପକ୍ଷରୁ ଅସନ୍ତୋଷ ବଢିବାରେ ଲାଗିଛି । କର୍ମଚାରୀମାନଙ୍କୁ ନିୟମିତ ଦରମା ପ୍ରଦାନକୁ ନେଇ ବିଡିଓମାନଙ୍କୁ ସରକାରଙ୍କ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କେତେକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ କେତେକ ପଞ୍ଚାୟତର ସରପଞ୍ଚମାନଙ୍କ ବୈମାତୃକ ମନୋଭାବ କାରଣରୁ ବର୍ଷବର୍ଷ ଧରି ପାରିଶ୍ରମିକ ଭତ୍ତା ପାଇପାରୁ ନାହାନ୍ତିଁ ବୋଲି ବାସୁଦେବପୁର ସଂଘର ସଭାପତି ଭାସ୍କର ଚନ୍ଦ୍ର ଘଡ଼େଇ କହିଛନ୍ତି । ଏହି ଅବସରରେ ସଂପାଦକ ମୁକ୍ତିକାନ୍ତ ଅଧିକାରୀ, ସହସଂପାଦକ ସୁଶାନ୍ତ କୁମାର ନାଥଙ୍କ ସମେତ ସମସ୍ତ ମିସ୍ତ୍ରୀ ଓ ପମ୍ପ ଚାଳକମାନେ ଉପସ୍ଥିତ ଥିଲେ । ଧାରଣାସ୍ଥଳରେ ବିଡିଓ ସଞ୍ଜୀବ କୁମାର ସାହୁ ପହଞ୍ଚି ବୁଝାମଣା କରିବା ସହ ଆଶ୍ୱାସନା ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ଆଦିତ୍ୟ ମୋଟର ଇଣ୍ଡିଆ ଲିମିଟେଡ୍‌ର ଇନିସିଆଲ ପବ୍ଲିକ୍ ଅଫର ୧୫ରେ ଖୋଲିବ

**ଭୁବନେଶ୍ୱର,୯।୧୦ (ମହାଭାରତ):** କ୍ରିସିଲ ରିପୋର୍ଟ ଅନୁସାରେ ଐଇଙ୍କଭୟବସ ମୋଟର ଇଣ୍ଡିଆ ଲିମିଟେଡ୍ ହେଉଛି ୨୦୨୩ ବର୍ଷରେ ଦୁନିଆର ତୃତୀୟ ସର୍ବବୃହତ ଗାଡ଼ି ଓଇଏମ୍ । କମ୍ପାନିର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ୨୦୨୪ ଅକ୍ଟୋବର ୧୫ ମଙ୍ଗଳବାର ଖୋଲିବ । ଆଙ୍କର ନିବେଶକମାନେ ଅଫର ତାରିଖର ଗୋଟିଏ ଦିନ ପୂର୍ବରୁ ୨୦୨୪ ଅକ୍ଟୋବର ୧୪ରେ ବିଡ୍ ଦାଖଲ କରିପାରିବେ । ଏହି ଇସ୍ୟୁର ଅଫର ୨୦୨୪ ଅକ୍ଟୋବର ୧୭ ତାରିଖରେ ବନ୍ଦ ହେବ । ନିବେଶକମାନେ ସର୍ବନିମ୍ନ ୭ଟି ଇକ୍ୱିଟି ସେୟାରର ବିଡ୍ ଦାଖଲ କରିପାରିବେ ଏବଂ ଏହା ପରେ ୭ଟି ଲେଖାଏଁ ଇକ୍ୱିଟି ସେୟାର ସେଥିରେ ଯୋଡ଼ିପାରିବେ ।

କମ୍ପାନିର ଇନିସିଆଲ୍ ପବ୍ଲିକ୍ ଅଫରିଂରେ ଐଇଙ୍କଭୟବସ ମୋଟର କଂପାନି ପକ୍ଷରୁ ୧୪,୨୧,୯୪,୭୦୦ ଇକ୍ୱିଟି ସେୟାରକୁ ଅଫର୍ ଫର୍ ସେଲ୍‌ରେ ବିକ୍ରି କରାଯିବ । ଏହି ଅଫରର କୌଣସି ପାଣ୍ଠିକୁ କମ୍ପାନି ହାସଲ କରିବ ନାହିଁ ।

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଏହି ଅଫରର ୫୦ ପ୍ରତିଶତ ଇକ୍ୱିଟି ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ମାନଙ୍କ ଲାଗି ସଂରକ୍ଷିତ ରଖାଯିବ । ତାହାର ୬୦ ପ୍ରତିଶତ ଇକ୍ୱିଟି ସେୟାରକୁ ସମାନୁପାତିକ ଭିତିରେ ଆଙ୍କର ନିବେଶକଙ୍କୁ ଦିଆଯାଇପାରିବ । ସେଥିରୁ ଏକ ତୃତୀୟାଂଶ ଇକ୍ୱିଟି ସେୟାର ଘରୋଇ ମ୍ୟୁଚୁଆଲ ଫଣ୍ଡ ଲାଗି ସଂରକ୍ଷିତ ରହିବ । ନିଟ କ୍ୟୁଆଇବିର ୫ ପ୍ରତିଶତ ଇକ୍ୱିଟି ସେୟାରକୁ ସମାନୁପାତିକ ଭିତିରେ ମ୍ୟୁଚୁଆଲ ଫଣ୍ଡ ଲାଗି ରଖାଯିବ । ଯଦି ମ୍ୟୁଚୁଆଲ ଫଣ୍ଡର ହାରାହାରି ଭାଗ କ୍ୟୁଆଇବି ଭାଗର ୫ ପ୍ରତିଶତରୁ କମ ରହିବ ତେବେ ତାହାକୁ କ୍ୟୁଆଇବି ଭାଗରେ ଯୋଡ଼ାଯିବ । ନିଟ ଅଫରର ୧୫ ପ୍ରତିଶତ ରାଶିକୁ ଅଣ ସଂସ୍ଥାଗତ ନିବେଶକମାନଙ୍କ ଲାଗି ରଖାଯିବ । ସେଥିରୁ ୩୫ ପ୍ରତିଶତ ଇକ୍ୱିଟି ସେୟାର ଖୁଚୁରା ନିବେଶକମାନଙ୍କ ଲାଗି ରହିବ । କମ୍ପାନିର ଇକ୍ୱିଟି ସେୟାରକୁ ବିଏସ୍‌ଇ ଲିମିଟେଡ୍ ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କରିବାର ପ୍ରସ୍ତାବ ରହିଛି । ଏହି ଅଫରର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି କୋଟକ୍ ମହିନ୍ଦ୍ରା କ୍ୟାପିଟାଲ୍ କମ୍ପାନି ଲିମିଟେଡ୍, ସିଟିଗ୍ରୁପ୍ ଗ୍ଲୋବାଲ୍ ମାର୍କେଟ୍‌ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଏଚ୍‌ଏସ୍‌ବିସି ସିକ୍ୟୁରିଟିଜ୍ ଆଣ୍ଡ କ୍ୟାପିଟାଲ୍ ମାର୍କେଟ୍‌ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍, ଜେ ପି ମୋର୍ଗାନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ ଓ ମୋର୍ଗାନ୍ ଷ୍ଟାନ୍‌ଲି ଇଣ୍ଡିଆ କମ୍ପାନି ପ୍ରାଇଭେଟ୍ ଲମିଟେଡ୍ ।

# କଳାହାଣ୍ଡି ଜିଲ୍ଲାରେ ବେଦାନ୍ତର 'ସ୍ୱର୍ଣ୍ଣ ପ୍ରାଶନ' ଅଭିଯାନ ଆରମ୍ଭ




**ଭବାନୀପାଟଣା,(ନିପ୍ର):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ହାଇସ୍କୁଲ ଓ ସରସ୍ୱତୀ ଶିଶୁ ମନ୍ଦିରରେ ଆୟୁଷ ମନ୍ତ୍ରଣାଳୟ ସହଯୋଗରେ 'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ଏକ ପ୍ରାଚୀନ ଆୟୁର୍ବେଦିକ ଅଭ୍ୟାସ ସ୍ୱର୍ଣ୍ଣ ପ୍ରାଶନରେ ଶିଶୁମାନଙ୍କୁ ମହୁ ଏବଂ ଘିଅ ରେ ମିଶ୍ରିତ ସୁବର୍ଣ୍ଣ କଣିକା ଦିଆଯାଏ । ଏହି ମିଶ୍ରଣ ସ୍ମରଣଶକ୍ତି ବୃଦ୍ଧି, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଏବଂ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ସହିତ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ପର୍ଯ୍ୟାୟରେ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବ ବୋଲି ବିଶ୍ୱାସ କରାଯାଏ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହକାରୀ ଚିକିତ୍ସାଧିକାରୀ (ଡିଏଏମ୍‌ଓ) ଡାକ୍ତର ଅଯୋଧ୍ୟାନାଥ ବେହେରା, କଳାହାଣ୍ଡି ଜିଲ୍ଲା ସହକାରୀ ଚିକିତ୍ସାଧିକାରୀ (ଏଏମ୍‌ଓ) ଡାକ୍ତର ଅକ୍ଷୟ କାଣ୍ଡ, ଡାକ୍ତର ଚନ୍ଦ୍ରଭାନୁ ଓ ଡାକ୍ତର ରାଜକୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶା ସରକାର, ଆୟୁଷ ମନ୍ତ୍ରଣାଳୟର ସଚିବ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଜିଲ୍ଲାରେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଆଉ ଦୁଇଟି ଜିଲ୍ଲା ରାୟଗଡ଼ା ଓ କୋରାପୁଟକୁ ସହାୟତା ଯୋଗାଇଦେବାକୁ ଯୋଜନା କରିଛି । ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟ ସହ ଆମର ସହଯୋଗ ମାଧ୍ୟମରେ ଆମେ ଗୋଷ୍ଠିଗୁଡିକର ସାମଗ୍ରିକ ବିକାଶ ପାଇଁ ପ୍ରଚଳିତ ସରକାରୀ ଯୋଜନାଗୁଡ଼ିକୁ ସମ୍ପ୍ରସାରଣ ଏବଂ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛୁ । 'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମ ସାମୂହିକ ମୂଲ୍ୟବୋଧକୁ ସମ୍ମାନ ଦେବା ସହିତ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଆମର ସମର୍ପଣକୁ ପ୍ରତିଫଳିତ କରେ । ବେଦାନ୍ତ ଆଲୁମିନିୟମର ବକ୍ସାଇଟ୍ ମାଇନ୍ସର ସିଓଓ ନୀତିନ କୁମାର ତିୱାରୀ କହିଛନ୍ତି ଯେ ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟ ସହ ଆମର ଭାଗିଦାରୀ ମାଧ୍ୟମରେ ଆମେ ୨୦୨୪ ସୁଦ୍ଧା କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ାରେ ଶିଶୁଠାରୁ ଆରମ୍ଭ କରି ୧୬ ବର୍ଷ ବୟସ ପର୍ଯ୍ୟନ୍ତ ୩୦,୦୦୦ ଶିଶୁଙ୍କୁ ଉପକୃତ କରିବା ପାଇଁ ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛୁ । ଏହି ଅବସରରେ ଜିଲ୍ଲା ସହକାରୀ ଚିକିତ୍ସାଧିକାରୀ ଡାକ୍ତର ଅଯୋଧ୍ୟାନାଥ ବେହେରା କହିଥିଲେ ଯେ ସ୍ୱର୍ଣ୍ଣ ପ୍ରାଶନ ଏକ ସମୟ ପରୀକ୍ଷିତ ଆୟୁର୍ବେଦିକ ଅଭ୍ୟାସ ଏବଂ ଶିଶୁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଓ ଜ୍ଞାନ ଶକ୍ତି ବୃଦ୍ଧିରେ ଏହାର ଉପକାରିତା ଭଲ ଭାବରେ ଲିଖିତ । ଅବହେଳିତ ଅଞ୍ଚଳରେ ଏଭଳି ପ୍ରଭାବଶାଳୀ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ବେଦାନ୍ତ ଆଲୁମିନିୟମର ସହଯୋଗ ପ୍ରଶଂସନୀୟ । ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ କୃତଜ୍ଞତା ଜ୍ଞାପନ କରି କହିଲେ, ବେଦାନ୍ତ କେବଳ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବୃଦ୍ଧି କରୁନାହିଁ ବରଂ ପାରମ୍ପରିକ ସୁସ୍ଥତା ପ୍ରଣାଳୀ ବିଷୟରେ ସଚେତନ କରୁଛି । ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡ଼ା ଓ ସଂସ୍କୃତି କ୍ଷେତ୍ରରେ ରଣନୈତିକ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବେଦାନ୍ତ ଆଲୁମିନିୟମ ପ୍ରତିଶ୍ରୁତିବଦ୍ଧ । ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସାମାଜିକ-ଅର୍ଥନୈତିକ ପରିବର୍ତ୍ତନ ଦିଗରେ ସକ୍ରିୟ ଭାବେ ଯୋଗଦାନ ଦେଇଆସୁଛି ।

# ଶ୍ରୀଲଙ୍କାକୁ ହରାଇ ଭାରତର ସେମି ଆଶା ଉଜ୍ଜୀବିତ

## ମନ୍ଧାନା ଓ ହରମନପ୍ରୀତଙ୍କ ଅର୍ଦ୍ଧଶତକ ଭାରତ ୧୭୦/୩, ଶ୍ରୀଲଙ୍କା ୯୦ରେ ଅଲ୍ଆଉଟ୍





ଆବୁଧାବି,୯।୧୦: ୟୁଏଇରେ ଚାଲିଥିବା ମହିଳା ଟି-୨୦ ବିଶ୍ୱକପରେ ବଡ଼ ବିଜୟ ହାସଲ କରିଛି ଭାରତୀୟ ଟିମ। ଗ୍ରୁପ ପର୍ଯ୍ୟାୟର ନିଜର ତୃତୀୟ ମ୍ୟାଚ୍‌ରେ ଆଜି ଭାରତୀୟ ଟିମ ଏସିଆର ଚାମ୍ପିୟନ ଶ୍ରୀଲଙ୍କାକୁ ଏକତରଫା ଭାବେ ହରାଇ ଦେଇଛି। ଏହି ବିଜୟ ସହ ଭାରତ ୪ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଭାରତ ପରବର୍ତ୍ତୀ ମ୍ୟାଚରେ ଅଷ୍ଟ୍ରେଲିଆକୁ ହରାଇପାରିଲେ ସେମି ଫାଇନାଲ ଖେଳି ପକ୍କା ହେବ।

ଭାରତ ୧୭୩ ରନର ଟାର୍ଗେଟ ଦେଇଥିବା ବେଳେ ଶ୍ରୀଲଙ୍କା କେବଳ ୯୦ ରନ ହିଁ କରିବାକୁ ସକ୍ଷମ ହୋଇଛି। ଠିକ ବିଶ୍ୱକପ ପୂର୍ବରୁ ଶ୍ରୀଲଙ୍କା ଏସିଆ କପ ଫାଇନାଲରେ ଭାରତୀୟ ମହିଳା ଟିମକୁ ହରାଇ ଥିଲା। ଆଜି ବିଶ୍ୱକପରେ ଭାରତୀୟ ଟିମ ଏହି ପରାଜୟର ମଧୁର ପ୍ରତିଶୋଧ ନେଇଛି।

୮୨ ରନର ବୃହତ୍ତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅଧିନାୟକ ହରମନପ୍ରୀତ କୌର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ସେ ମାତ୍ର ୨୭ ବଲରେ ଅପରାଜିତ ୫୨ ରନର ଇନିଂସ ଖେଳିବା ସହ ଭାରତର ସ୍କୋରୁ ୧୭୨/୩ରେ ପହଞ୍ଚାଇଥିଲେ। ଅବଶ୍ୟ ଆହତ କାରଣରୁ ସେ ଫିଲ୍ଡିଂ ବେଳେ ପଡ଼ିଆକୁ ଆସି ନଥିଲେ। ତାଙ୍କ ଅନୁପସ୍ଥିତିରେ ଉପ ଅଧିନାୟକ ସ୍ମୃତି ମନ୍ଧାନା ଦଳର ନେତୃତ୍ୱ ନେଇଥିଲେ।

ଭାରତୀୟ ବୋଲର ଶାଣିତ ବୋଲିଂ ଯୋଗୁ ଶ୍ରୀଲଙ୍କା ନିର୍ଦ୍ଧାରିତ ୧୯.୫ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୯୦ ରନ କରିପାରିଛି। ଭାରତ ଏହି ମ୍ୟାଚ୍‌କୁ ୮୨ ରନରେ ଜିତି ନିଜର ରନରେଟରେ ମଧ୍ୟ ସୁଦ୍ଧାର ଆଣିଛି।

ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଟିମ ନ୍ୟୁଜିଲ୍ୟାଣ୍ଡ ଠାରୁ ୫୮ ରନରେ ହାରିଥିଲା କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ଦଳ ପାକିସ୍ତାନକୁ ହରାଇଥିଲା। ଆଜି ଶ୍ରୀଲଙ୍କା ବିପକ୍ଷରେ ଦଳ ଏକତରଫା ବିଜୟ ହାସଲ କରିଛି।

ଟସ ଜିତି ଦୁବାଇରେ ପ୍ରଥମେ ବ୍ୟାଟିଂ କରୁଥିବା ଭାରତୀୟ ଟିମ ସ୍ମୃତି ମନ୍ଧାନାଙ୍କ ୫୦, ଶେଫାଳି ବର୍ମାଙ୍କ ୪୩, ଜେମିମାଙ୍କ ୧୬ ଓ ଶେଷ ଭାଗରେ ହରମନପ୍ରୀତ କୌରଙ୍କ ଅପରାଜିତ ୫୨ ରନ ବଲରେ ୩ ୱିକେଟ ହରାଇ ୧୭୨ ରନ କରିଥିଲା।

୧୭୩ ରନର ପିଛା କରୁଥିବା ଶ୍ରୀଲଙ୍କା ଆରମ୍ଭରୁ ହିଁ ୱିକେଟ ହରାଇଥିଲା। ପ୍ରଥମ ଓଭରର ଦ୍ୱିତୀୟ ବଲରେ ରେଣୁକା ସିଂହ ଠାକୁର ଭାରତକୁ ସଫଳତା ଦେଇଥିଲେ ଏହାପରେ ଶ୍ରୀଲଙ୍କା ଇନିଂସ ତାସର ଘର ପରି ଭୁଶୁଡ଼ି ଯାଇଥିଲା।

କବିଶା ଦିଲହାରି ୨୨ ବଲରେ ୨୧, ଅନୁଷ୍କା ସଞ୍ଜିବନୀ ୨୦ ଓ ଶେଷ ଭାଗରେ ଆମା କାଞ୍ଚନ ୧୯ ରନ କରିବାରୁ ଶ୍ରୀଲଙ୍କା ଅତି କଷ୍ଟରେ ୯୦ ରନ ପର୍ଯ୍ୟନ୍ତ ଯାଇ ପାରିଥିଲେ। ଏହି ୩ ଜଣଙ୍କୁ ଛାଡ଼ି ଦେଲେ ଶ୍ରୀଲଙ୍କାର ଆଉ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଶେଷରେ ଦୀପ୍ତି ଶର୍ମା ୯ ରନ କରିଥିବା ଉଦେଶିକା ପ୍ରବୋଧିନଙ୍କୁ ଆଉଟ କରି ଶ୍ରୀଲଙ୍କା ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ । ଭାରତ ପକ୍ଷରୁ ଅରୁନ୍ଧତି ରେଡ୍ଡୀ ଓ ଆଶା ଶୋଭନା ୩ଟି ଲେଖାଏଁ ୱିକେଟ ନେଇଥିବା ବେଳେ ରେଣୁକା ସିଂହ ଠାକୁର ୨ଟି, ଶ୍ରେୟଙ୍କା ପାଟିଲ ଓ ଦୀପ୍ତି ଶର୍ମା ଗୋଟିଏ ସଫଳତା ପାଇଛନ୍ତି।

# ଦୀପା କର୍ମକାରଙ୍କୁ ଚିଠି ଲେଖିଲେ କ୍ରୀଡ଼ାମନ୍ତ୍ରୀ

ନୂଆଦିଲ୍ଲୀ ୯।୧୦: କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ଜିମ୍ନାଷ୍ଟ ଦୀପା କର୍ମକାରଙ୍କୁ ପତ୍ର ଲେଖିଛନ୍ତି। ଏଥିରେ ଦୀପା ଅଚାନକ ସନ୍ୟାସ ଘୋଷଣା କରିବା ଯୋଗୁ ସେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଅଲିମ୍ପିକ କ୍ୱାଲିଫାଏ କରିଥିବା ଭାରତୀୟ ମହିଳା ଜିମ୍ନାଷ୍ଟ ଦୀପା କର୍ମକାର ୨୦୧୬ ରିୟୋ ଅଲିମ୍ପିକରେ ଚତୁର୍ଥ ସ୍ଥାନ ପାଇଥିଲେ। ତେବେ ଗତ ସୋମବାର ଦୀପା ସୋସିଆଲ ମିଡିଆ। ପୋଷ୍ଟ କରି ତାଙ୍କ ସନ୍ୟାସ ଘୋଷଣା କରିଛନ୍ତି ।

ଏଥିରେ ମାଣ୍ଡବ୍ୟ ଦୀପାଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ମୁଁ ଜାଣିବାକୁ ପାଇଲି ଆପଣ ଜିମ୍ନାଷ୍ଟିକ୍‌ରୁ ସନ୍ୟାସ ନେଇଛନ୍ତି। ଆପଣଙ୍କ ନିଷ୍ପତ୍ତିରେ ମୁଁ ଆଶ୍ଚର୍ଯ୍ୟ ଚକିତ, କିନ୍ତୁ ମୋର ପୂର୍ଣ୍ଣ ବିଶ୍ୱାସ ଯେ ଆପଣଙ୍କ ଜୀବନର ଗୁରୁପୂର୍ଣ୍ଣ ପ୍ରାଥମିକତା ଓ ଅଭିଜ୍ଞତାକୁ ଧ୍ୟାନରେ ରଖି ଆପଣ ଏହି ନିଷ୍ପତ୍ତି ନେଇଥିବେ ମୁଁ ଆପଣଙ୍କ ଏହି ନିଷ୍ପତ୍ତିକୁ ପୂର୍ଣ୍ଣ ସମ୍ମାନ କରୁଛି ।



ମାଣ୍ଡବ୍ୟ କହିଛନ୍ତି ଯେ ଜିମ୍ନାଷ୍ଟ ରୂପେ ଆପଣଙ୍କ ଯାତ୍ରା ଯାହା ମାତ୍ର ୬ ବର୍ଷ ବୟସରୁ ଆରମ୍ଭ ହୋଇଥିଲା, ତାହା ଅତ୍ୟନ୍ତ ପ୍ରେରଣା ଦାୟକ ଏହି ଖେଳରେ ଆପଣ ଅନେକ ଜଟିଳତାକୁ ସାମ୍ନା କରି ସଫଳତାର ଉଚ୍ଚ ଶିଖର ଛୁଇଁଛନ୍ତି ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ଓ ପଦ୍ମଶ୍ରୀ ଭଳି ପ୍ରତିଷ୍ଠିତ ପୁରସ୍କାରରେ ସମ୍ମାନୀତ ହେବା ଆପଣଙ୍କ ଅଦ୍ୱିତୀୟ ଯୋଗଦାନର ପ୍ରମାଣ ।

ମାଣ୍ଡବ୍ୟ ଲେଖିଛନ୍ତି ଯେ ଆପଣ ଅଲିମ୍ପିକରେ ଅଂଶଗ୍ରହଣ କରି ଭାରତୀୟ ଜିମ୍ନାଷ୍ଟିକ୍‌ରେ ଏକ ନୂଆ। ଅଧ୍ୟାୟ ଯୋଡିଛନ୍ତି ଓ ଏହି ଖେଳରେ ପ୍ରଥମ ଭାରତୀୟ ମହିଳା ହେବା ଆପଣଙ୍କ ବ୍ୟକ୍ତିଗତ ପରିଶ୍ରମର ଫଳ, ତେବେ ଏହା ପୁରା ଦେଶକୁ ଗୌରବାନ୍ୱିତ କରିଛି। ବିଶେଷ କରି ପ୍ରଡୁନୋଭା ୱାଲ୍ଟରେ ଆପଣଙ୍କ ପ୍ରଦର୍ଶନ ଅଦ୍ୱିତୀୟ ଥିଲା ଆପଣଙ୍କ ଉପଲବ୍ଧି ନା କେବଳ କ୍ରିଡ଼ା ପ୍ରେମୀଙ୍କୁ ପ୍ରେରିତ କରିଛି ବିଶେଷ କରି ଆମ ଝିଅମାନଙ୍କୁ ଖେଳରେ ନିଜ ସ୍ୱପ୍ନ ସାକାର କରିବାକୁ ସାହସ ପ୍ରଦାନ କରୁଛି ।

# ରୁଟ୍‌ଙ୍କ ଅନେକ ରେକର୍ଡ

ଲାହୋର,୯।୧୦: ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ଶତକ ହାସଲ କରି ଡବଲ ଟନ୍ ଅଭିମୁଖେ ଯାଉଥିବା ଇଂଲଣ୍ଡ ବ୍ୟାଟର ଜୋ ରୁଟ ବିଶ୍ୱ ରେକର୍ଡ କରିଛନ୍ତି। ପୂର୍ବରୁ କୌଣସି ବ୍ୟାଟର ଯାହା କରି ନଥିଲେ, ପାକିସ୍ତାନ ବିପକ୍ଷରେ ତାହା କରି ଦେଖାଇଛନ୍ତି ରୁଟ।



ପ୍ରଥମ ବ୍ୟାଟର ଭାବେ ଜୋ ରୁଟ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ୫୦୦୦ରୁ ଅଧିକ ରନ କରିବାର କୀର୍ତ୍ତିମାନ ହାସଲ କରିଛନ୍ତି। ସେ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ୨୭ ରନ କରିବା କ୍ଷଣି ତାଙ୍କ ନାଁରେ ଏହି ରେକର୍ଡ ଯୋଡ଼ି ହୋଇଯାଇଛି।

ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ପାକିସ୍ତାନ ୫୫୬ ରନ କରି ଅଲଆଉଟ ହେବା ପରେ ଇଂଲଣ୍ଡ ତାର ଇନିଂସ ଆରମ୍ଭ କରିଥିଲା ଦ୍ୱିତୀୟ ଦିନରେ ରୁଟ ୫୪ ବଲରେ ୩୨ ରନ କରି ଅପରାଜିତ ରହିଥିଲେ। ଆଜି ସେ ଶତକ ହାସଲ କରିବା ସହ ଡବଲ ଟନ୍ ଦିଗରେ ଯାଉଛନ୍ତି। ୩ୟ ଦିବସ ସମାପ୍ତ ସୁଦ୍ଧା ସେ ୧୭୬ ରନ କରି ବ୍ୟାଟିଂ କରୁଛନ୍ତି ତାଙ୍କ ସହ ହ୍ୟାରୀ ବ୍ରୁକ ୧୪୧ରେ ରହିଛନ୍ତି। ଇଂଲଣ୍ଡ ୩ ୱିକେଟ ହରାଇ ୪୯୨ ରନ କରି ସାରିଲାଣି। ଜୋ ରୁଟ ର ୫୯ଟି ମ୍ୟାଚ୍‌ରେ ଏଯାଏ ୫ ହଜାରରୁ ଅଧିକ ରନ କରିଛନ୍ତି। ତାଙ୍କ ପଛକୁ ଅଷ୍ଟ୍ରେଲିଆର ମାର୍ନସ ଲାବୁଶେନ ୩୯୦୪ ରନ ଓ ଷ୍ଟିଭ ସ୍ମିଥ ୩୪୮୪ କରିଛନ୍ତି। ଅନ୍ୟପକ୍ଷରେ ଇଂଲଣ୍ଡ ପାଇଁ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ ହାସଲ କରିବା ମାମଲାରେ ସେ ଆଲିଷ୍ଟର କୁକଙ୍କୁ ପଛରେ ପକାଇ ଦେଇଛନ୍ତି। ରୁଟ ଟେଷ୍ଟ କ୍ରିକେଟରେ ଇଂଲଣ୍ଡ ପାଇଁ ୧୨, ୪୭୨ ରନ କରିଥିଲେ। ହେଲେ ଏହାକୁ ଆଜି ରୁଟ ଟପି ଯାଇଛନ୍ତି। ରୁଟ ପାକିସ୍ତାନ ବିପକ୍ଷରେ ନିଜର ୩୫ତମ ଶତକ ହାସଲ କରିଛନ୍ତି। ଏହି ଶତକ ପରେ ସେ ଭାରତର କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କୁ ଟପି ଯାଇଛନ୍ତି। ଗାଭାସ୍କରଙ୍କ ବ୍ୟତୀତ ସେ ୟୁନିସ ଖାନ, ବ୍ରାଏନ ଲାରା ଓ ମାହେଲା ଜୟବର୍ଦ୍ଧନଙ୍କ ୩୪ଟି ଲେଖାଏ ଶତକ ରେକର୍ଡକୁ ଭାଙ୍ଗିଛନ୍ତି। ସେ ୧୪୭ଟି ମ୍ୟାଚରେ ୩୫ଟି ଶତକ ହାସଲ କରିଥିବା ବେଳେ ତାଲିକାର ୧ ନମ୍ବର ସ୍ଥାନରେ ୫୧ଟି ଶତକ ସହ ସଚିନ ତେନ୍ଦୁଲକର ରହିଛନ୍ତି। ସଚିନ ୨୦୦ଟି ମ୍ୟାଚରେ ୫୧ଟି ଶତକ ହାସଲ କରିଛନ୍ତି ।

ଏହାବାଦ ଜୋ ରୁଟ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହେବା ଦିଗରେ ଆଉ ପାଦେ ଆଗକୁ ବଢ଼ିଛନ୍ତି। ସଚିନ ଟେଷ୍ଟ କ୍ରିକେଟର ୬ଟି କ୍ୟାଲେଣ୍ଡର ବର୍ଷରେ ୧ ହଜାରରୁ ଅଧିକ ରନ କରିଥିଲେ। ୩୩ ବର୍ଷୀୟ ରୁଟ ଏଯାଏ ୫ଟି କ୍ୟାଲେଣ୍ଡର ବର୍ଷରେ ଟେଷ୍ଟ କ୍ରିକେଟରେ ୧ ହଜାରରୁ ଅଧିକ ରନ କରି ସାରିଲେଣି। ସେ ଆଉ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୦୦୦ ରନ ପୂରଣ କରିବା କ୍ଷଣି ସଚିନଙ୍କ ସମକକ୍ଷ ହୋଇଯିବେ। ତେବେ ୫ଥର ସେ ୧ ହଜାରରୁ ଅଧିକ ରନ କରି ବ୍ରାଏନ ଲାରା, ମାଥ୍ୟୁ ହେଡେନ, ଜ୍ୟାକ୍ସ କ୍ୟାଲିସ, ରିକି ପଣ୍ଟିଂ, କୁମାର ସାଙ୍ଗାକାରା ଓ ଆଲିଷ୍ଟର କୁକଙ୍କ ସମକକ୍ଷ ହୋଇଛନ୍ତି।

## ସର୍ବଭାରତୀୟ ଆରପିଏଫ ହକି ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ଉତ୍ତର ରେଳପଥ, ଦିଲ୍ଲୀ ଚାମ୍ପିଅନସିପ୍ ଟ୍ରଫି ହାସଲ

ଭୁବନେଶ୍ୱର,୯।୧୦: ରେଳବାଇ ସୁରକ୍ଷା ବଳ (ଆରପିଏଫ୍) ଦ୍ୱାରା ଆୟୋଜିତ ହୋଇଥିବା ୩୦ ତମ ସର୍ବଭାରତୀୟ ହକି ଚମ୍ପିଅନସିପ୍ ଟୁର୍ଣ୍ଣାମେଣ୍ଟ ଆଜି ଭୁବନେଶ୍ୱରର କିଟ୍ ହକି ଷ୍ଟାଡିୟମରେ ସଫଳତାର ସହ ସମାପ୍ତ ହୋଇଛି । ଏହି ଚାରି ଦିନିଆ। ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜୋନାଲ ରେଳବାଇ ଏବଂ ଭାରତୀୟ ରେଳବାଇର ଉତ୍ପାଦନ ୟୁନିଟ୍ ଦଳ ଗୁଡିକ ଯୋଗଦାନ କରି ଉତ୍ସାହଜନକ ପ୍ରତିଯୋଗିତା ପ୍ରଦର୍ଶନ କରିଥିଲେ । ଏହି ଉଦଯାପନୀ ଉତ୍ସବରେ ଆୟୋଜିତ ରୋମାଞ୍ଚକର ଫାଇନାଲ ମ୍ୟାଚରେ ଉତ୍ତର ରେଳପଥ, ଦିଲ୍ଲୀ ସୁଟଆଉଟ ମାଧ୍ୟମରେ ଦକ୍ଷିଣ ରେଳପଥ, ଚେନ୍ନାଇକୁ ୩-୧ ଗୋଲରେ ପରାସ୍ତ କରି ବିଜୟୀ ହେବା ସହ ସମ୍ମାନଜନକ ଚାମ୍ପିଅନସିପ୍ ଟ୍ରଫି ହାସଲ କରିଥିବାବେଳେ ଦକ୍ଷିଣ ରେଳପଥ ରନର୍ସ ଅପ ଟ୍ରଫି ଗ୍ରହଣ କରିଥିଲା ।



ବ୍ୟକ୍ତିଗତ ସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଉତ୍ତର ରେଳପଥର ବିନୋଦ କୁମାର ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବରେ ସମ୍ମାନିତ ହୋଇଥିବାବେଳେ ସମଗ୍ର ଇଭେଣ୍ଟରେ କ୍ରମାଗତ ଉତ୍କର୍ଷତା ପାଇଁ ଦକ୍ଷିଣ ରେଳପଥର ଗଲକୀପର ଶ୍ରୀ ଅମଲଦଶ ପି ଏମ କୁ ପ୍ଲେୟାର ଅଫ୍ ଟୁର୍ନାମେଣ୍ଟ ଭାବରେ ସମ୍ମାନିତ କରାଯାଇଥିଲା ।

ଉଦଯାପନୀ ସମାରୋହରେ ଯୋଗଦାନ କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କାଲ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସୁରକ୍ଷା କର୍ମୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧିରେ କ୍ରୀଡା ଏବଂ ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରିଥିଲେ ରେଳ ସୁରକ୍ଷା ବଳ (ଆରପିଏଫ) ର ପ୍ରମୁଖ ସୁରକ୍ଷା ଆୟୁକ୍ତ ଶ୍ରୀ ଆଲୋକ ଭୋହରାଙ୍କ ଉପସ୍ଥିତିରେ ଶ୍ରୀ ଫୁଙ୍କାଲ ବିଜେତା ଦଳକୁ ଚାମ୍ପିୟନଶିପ ଟ୍ରଫି ମଧ୍ୟ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜୋନାଲ ରେଳବାଇ ଏବଂ ଉତ୍ପାଦନ ୟୁନିଟ୍ ଗୁଡିକର ଆଠଟି ଆରପିଏଫ୍ ହକି ଦଳ ଅଂଶଗ୍ରହଣ କରିଥିଲେ ଏହି ଦଳ ଗୁଡିକ ହେଲା ଉତ୍ତର ରେଳପଥ (ନୂଆଦିଲ୍ଲୀ), ଦକ୍ଷିଣ ପୂର୍ବ ରେଳପଥ (କୋଲକାତା), ପଶ୍ଚିମ ରେଳପଥ (ମୁମ୍ବାଇ), ଉତ୍ତର ପୂର୍ବ ରେଳପଥ (ଗୋରଖପୁର), ଦକ୍ଷିଣ ରେଳପଥ (ଚେନ୍ନାଇ), ପଶ୍ଚିମ କେନ୍ଦ୍ରୀୟ ରେଳପଥ (ଜବଲପୁର), କେନ୍ଦ୍ରୀୟ ରେଳପଥ (ମୁମ୍ବାଇ) ଏବଂ ରେଳ ସୁରକ୍ଷା ସ୍ୱତନ୍ତ୍ର ବଳ। ଫାଇନାଲ ମ୍ୟାଚ୍ ଏବଂ ଉଦଯାପନୀ ସମାରୋହକୁ ଉତ୍ସାହିତ କରିବା ପାଇଁ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଙ୍କ ସହ ମୁଖ୍ୟାଳୟର ପ୍ରମୁଖ ଅଧିକାରୀ ଏବଂ ଖୋର୍ଦ୍ଧା ରୋଡ୍ ରେଳେ ଡିଭିଜନର ବରିଷ୍ଠ ରେଳ ଅଧିକାରୀ ମାନେ ମଧ୍ୟ ମଧ୍ୟ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କେବଳ ରେଳ ସୁରକ୍ଷା ବଳର କ୍ରୀଡ଼ାବିତ ତଥା ଦଳଗତ କାର୍ଯ୍ୟକୁ ଆଲୋକିତ କରିନାହିଁ ବରଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ାର ଭୂମିକା ଆହୁରି ଦୃଢ଼ୀଭୁତ କରିପାରିଛି ।

# ପୂର୍ବାଞ୍ଚଳ ଆଥଲେଟିକରେ ନବରଙ୍ଗପୁର ଜିଲ୍ଲାର ସଫଳତା

ନବରଙ୍ଗପୁର,୯।୧୦: ଭୁବନେଶ୍ୱର ଠାରେ ଚଳିତ ମାସ ୭ ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ପୂର୍ବାଞ୍ଚଳ ଏଥେଲେଟିକ୍ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲା ଏଥେଲେଟିକ ଦଳ ସଦସ୍ୟ ମାନେ ଓଡ଼ିଶା ପକ୍ଷରୁ ଖେଳି ତିନୋଟି ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳ ତରଫରୁ ଖେଳି ସଫଳତା ନବରଙ୍ଗପୁର ଜିଲା ଏଥେଲେଟିକ ଦଳର ଖେଳାଳି ଏଲ୍ . ସ୍ନିଗ୍ଧା , ମହେନ୍ଦ୍ର ଶାନ୍ତା ଏବଂକୁନି ରଜଗଣ୍ଡ ପ୍ରତ୍ୟେକ ଗୋଟିଏ ଲେଖାଏଁ ରୌପ୍ୟ ପଦକ ହାସଲ କରିଛନ୍ତି। ଏଲ.ସ୍ନିଗ୍ଧା ୧୪ ବର୍ଷରୁ କମ ଟ୍ରାଇଥେଲେନ୍ ପ୍ରତିଯୋଗିତା ରେ ରୌପ୍ୟ ପଦକ, ମହେନ୍ଦ୍ର ସାନ୍ତା ୨୦ବର୍ଷରୁ କମ ୧୦୦ମିଟର ଦୌଡ ପ୍ରତିଯୋଗୀତା ରେ ରୌପ୍ୟ ସେହିପରି କୁନି ରାଜଗଣ୍ଡ ୧୪ ବର୍ଷରୁ କମ ଜେବଲିନ ଥ୍ରୋ ରେ ରୌପ୍ୟ ପଦକ ହାସଲ କରିଛନ୍ତି।



ଏହି ଖବର ପ୍ରସାରିତ ହେବା ପରେ ନବରଙ୍ଗପୁର ଜିଲ୍ଲାର କ୍ରୀଡାବିତ ମହଲରେ ଖୁସିର ଲହରୀ ଖେଳିଯାଇଛି। ଦଳର ସଫଳତା ନିମନ୍ତେ ଜିଲ୍ଲାପାଳ ତଥା କ୍ରିଡାସଂଘ ର ସଭାପତି ଡ. ଶୁଭଙ୍କର ମହାପାତ୍ର, ଉପସଭାପତି ତଥା ଆରକ୍ଷୀ ଅଦୀକ୍ଷକ ମିହିର ପଣ୍ଡା, ଜିଲ୍ଲା କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ. ବାଲା କ୍ରୀଷ୍ଣା ରାଓ, ତାରିକ ହାସେନ୍, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ହକି ସମ୍ପାଦକ ଦୁର୍ଗା ମଲ୍ଲିକ, ଇଥେଲେଟିକ ସମ୍ପାଦକ ଜ୍ୟୋତି ପରିଚ୍ଛା, ଇଣ୍ଡର ସମ୍ପାଦକ ବୁନୁ ପଟ୍ଟନାୟକ, ମହିଳା କ୍ରୀଡା ସମ୍ପାଦିକା ଇ. ଚନ୍ଦନା ମଲ୍ଲିକ, ଭଲିବଲ ସମ୍ପାଦକ ଶ୍ରୀ ବୋଇକୁଣ୍ଠ, କ୍ରୀଡାବି ଏମ. ବିଜୟ କୁମାର , ଶଶାଙ୍କ ଶେଖର ବେହେରା ସମେତ ଜିଲ୍ଲାର ପ୍ରାକ୍ତନ ଏବଂ ବାରିଷ୍ଟ କ୍ରୀଡାବିତ ମାନେ ଶୁବେଚ୍ଛା ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ ଦଳ ସହ କୋଚ୍ ଭାବରେ ସପନ ବୋଇରାଗି ଯାଇଛନ୍ତି।

# ଆଣ୍ଠେଇଲା ବାଂଲାଦେଶ, ଭାରତର ସିରିଜ କବ୍‌ଜା



## ●ବ୍ୟାଟିଂ ଓ ବୋଲିଂରେ ନିତିଶ କୁମାର କମାଲ୍
## ●ଭାରତ ୨୨୧/୯, ବାଂଲାଦେଶ ୧୩୫/୯

ନୂଆଦିଲ୍ଲୀ,୯।୧୦: ଟେଷ୍ଟ ଭଳି ବାଂଲାଦେଶ ବିପକ୍ଷ ଟି-୨୦ ସିରିଜକୁ ଆଗୁଆ। ୨-୦ରେ କବଜା କରି ଭାରତୀୟ ଟିମ ଦିଲ୍ଲୀରେ ଖେଳା ଯାଉଥିବା ଦ୍ୱିତୀୟ ଟି-୨୦କୁ ଭାରତୀୟ ଟିମ ଅତି ସହଜରରେ ଜିତି ନେଇଛି। ଭାରତ ୨୨୨ ରନର ଟାର୍ଗେଟ ଦେଇଥିବା ବେଳେ ବାଂଲାଦେଶ ଟିମ ୯ ୱିକେଟରେ କେବଳ ୧୩୫ ରନରେ ଅଟକି ଯାଇଛି। ୮୬ ରନରେ ଦ୍ୱିତୀୟକୁ ଟି-୨୦ ଜିତି ସୂର୍ଯ୍ୟ କୁମାର ଯାଦବଙ୍କ ଭାରତୀୟ ଟିମ ଗୋଟିଏ ମ୍ୟାଚ୍ ପୂର୍ବରୁ ସିରିଜ କବଜା କରିନେଇଛି। ଶେଷ ମ୍ୟାଚ୍ ଆସନ୍ତା ୧୨ ତାରିଖରେ ଖେଳାଯିବ। ବ୍ୟାଟିଂ ଓ ବୋଲିଂରେ କମାଲ କରିଥିବା ନୀତୀଶ କୁମାର ରେଡ୍ଡୀ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ସେ ବ୍ୟାଟିଂରେ ମାତ୍ର ୩୪ ବଲରେ ୭୪ ରନ କରିଥିବା ବେଳେ ବୋଲିଂରେ ୪ ଓଭର ପକାଇ ୨୩ ରନ ଦେବା ସହ ୨ଟି ୱିକେଟ ନେଇଛନ୍ତି ।

ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ୨୨୨ ରନର ଟାର୍ଗେଟ ପିଛା କରୁଥିବା ବାଂଲାଦେଶ ଆରମ୍ଭରୁ ବାଟ ହୁଡ଼ିଥିଲା ପରଭେଜ ହୁସେନ ଇମୋନ ୧୬, ଲିଟନ ଦାସ ୧୪, ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ୧୧ ଓ ତୋହିଦ ହ୍ରିଦୟ ମାତ୍ର ୨ ରନ କରିବାକୁ ସକ୍ଷମ ହୋଇଥିଲେ। ୪୬ ରନରେ ଦଳ ୪ ୱିକେଟ ହରାଇ ଏକ ପ୍ରକାରର ବିଜୟ ଟ୍ରାକରୁ ଓହରି ଯାଇଥିଲା। ମେହିଦ ହାସନ ମିରାଜ ଓ ଅଭିଜ୍ଞ ମହମ୍ମଦୁଲ୍ଲା କିଛି ସମୟ ପାଇଁ ଲଢ଼େଇ କରିଥିଲେ। କିନ୍ତୁ ୧୬ ରନ କରିଥିବା ମିରାଜଙ୍କୁ ରିୟାନ ପରାଗ ଆଉଟ କରି ବାଂଲାଦେଶକୁ ୮୦ ରନରେ ୫ମ ଝଟକା ଦେଇଥିଲେ। ଦଳୀୟ ସ୍କୋର ୮୩ ଥିବା ବେଳେ ଜାକିର ଅଲୀ(୧) ମୟଙ୍କ ଯାଦବଙ୍କ ଶିକାର ବନିଥିଲେ ରିୟାଦ ହୁସେନ(୯) ବରୁଣଙ୍କୁ ବଡ଼ ଶଟ ମାରିବାକୁ ଚେଷ୍ଟା କରୁଥିବା ବେଳେ ବାଉଣ୍ଡରୀ ପାଖରେ ହାର୍ଦ୍ଦିକ ପାଣ୍ଡ୍ୟା ଅତ୍ୟନ୍ତ ଅବିଶ୍ୱସନୀୟ କ୍ୟାଚ୍ ଧରି ତାଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ ୯୩ ରନରେ ଦଳ ୭ମ ୱିକେଟ ହରାଇଥିଲା। ୧୭ ଓଭର ସୁଦ୍ଧା ବାଂଲାଦେଶର ସ୍କୋର ୧୧୭/୭ ରହିଥିଲା। ମହମ୍ମଦୁଲ୍ଲା ୩୭ ଓ ତାଞ୍ଜିମ ହାସନ ସାକିବ ୭ ରନ କରିଥିଲେ । ୧୮ତମ ଓଭର ନେଇ ଆସିଥିଲେ ନୀତୀଶ କୁମାର ସେ ୮ ରନ କରିଥିବା ତାଞ୍ଜିମଙ୍କୁ ପାଣ୍ଡ୍ୟାଙ୍କ ହାତରେ କ୍ୟାଚ୍ କରାଇ ଦେଇଥିଲେ।

ବାଂଲାଦେଶ ୧୨୦ ରନରେ ୮ମ ୱିକେଟ ହରାଇଥିଲା। ୧୯ତମ ଓଭର ଅର୍ଶଦୀପ ସିଂହ ପକାଇଥିଲେ ସେ ମାତ୍ର ୫ ରନ ଦେବାକୁ ଶେଷ ଓଭରରେ ବାଂଲାଦେଶକୁ ଜିତିବା ପାଇଁ ବିଶାଳ ୯୫ ରନ ମିଳିଥିଲା । ଶେଷ ଓଭର ନେଇ ଆସିଥିଲେ ନୀତୀଶ କୁମାର ପ୍ରଥମ ବଲରେ ସେ ୪୧ ରନ କରିଥିବା ମହମ୍ମଦୁଲ୍ଲାଙ୍କ ୱିକେଟ ନେଇଥିଲେ । ଏହାପରେ ସେ ୮ ରନ ଦେବାକୁ ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କେବଳ ୧୩୫ ରନ କରିପାରିଥିଲା। ଦିଲ୍ଲୀରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ଭାରତର ବିପକ୍ଷରେ ଟସ୍ ଜିତି ବାଂଲାଦେଶ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଦ୍ୱିତୀୟ ଓଭରରେ ଭାରତକୁ ପ୍ରଥମ ଝଟକା ଲାଗିଥିଲା ସଞ୍ଜୁ ସାମସନ ୧୦ ରନ କରି ତସ୍କିନ ଅହମଦଙ୍କ ବଲରେ ଆଉଟ ହୋଇଥିଲେ। ଏହାପରେ ଅଭିଷେକ ଶର୍ମା ୧୫ ରନ କରି ହାସନ ସାକିବଙ୍କ ବଲରେ କ୍ଲିନବୋଲ୍ଡ ହୋଇଯାଇଥିଲେ। ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ମଧ୍ୟ କେବଳ ୮ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତ ୪୧ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏତିକି ବେଳେ ରିଙ୍କୁ ଓ ନୀତୀଶ କୁମାର ସ୍ଥିତି ସମ୍ଭାଳିଥିଲେ। ଉଭୟ କେବଳ ୱିକେଟ ବଞ୍ଚାଇ ନଥିଲେ ବରଂ ଦ୍ରୁତଗତିରେ ରନ ସଂଗ୍ରହ କରିଥିଲେ। ବିଶେଷ କରି ନୀତୀଶ କୁମାରଙ୍କ ବ୍ୟାଟରୁ ବଡ଼ ବଡ଼ ଶଟ ଦେଖିବାକୁ ମିଳିଥିଲା। ସେ ମାତ୍ର ୨୭ ବଲରେ ନିଜ ଟି-୨୦ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ।

ଅର୍ଦ୍ଧଶତକ ହାସଲ କରିବା ପରେ ସେ ଗିୟର ବଦଳାଇଥିଲେ। ରିଙ୍କୁ ମଧ୍ୟ ପଛରେ ପଡ଼ି ନଥିଲେ । ଉଭୟ ୪ର୍ଥ ୱିକେଟ ପାଇଁ ୧୦୮ ରନ ଯୋଡ଼ି ଭାରତର ସ୍କୋରକୁ ୧୪୯ରେ ପହଞ୍ଚାଇ ଦେଇଥିଲେ। ଏତିକି ବେଳେ ବଡ଼ ଶଟ ଖେଳିବାକୁ ଯାଇ ନୀତୀଶ କୁମାର ଆଉଟ ହୋଇଯାଇଥିଲେ। ସେ ତାଙ୍କ ୭୪ ରନର ଇନିଂସରେ ୭ଟି ଛକା ଓ ୪ଟି ଚୌକା ମାରିଛନ୍ତି। ନୀତୀଶ କୁମାରଙ୍କ ପରେ ରିଙ୍କୁ ସିଂହ ଅର୍ଦ୍ଧଶତକ ହାସଲ କରିଥିଲେ କିନ୍ତୁ ଏହାକୁ ସେ ବଡ଼ ସ୍କୋରରେ ପରିଣତ କରିପାରି ନଥିଲେ। ରିଙ୍କୁ ସିଂହ ୨୯ ବଲରେ ୫୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେ ତାଙ୍କ ଇନିଂସରେ ୫ଟି ଚୌକା ଓ ୩ଟି ଛକା ମାରିଛନ୍ତି। ରିୟାନ ପରାଗ ୬ ବଲରେ ୧୫ ଓ ପାଣ୍ଡ୍ୟା ୧୯ ବଲରେ ୩୨ ରନ କରିବାରୁ ଭାରତ ସ୍କୋର ୨୦୦ ପାର ହୋଇଥିଲା ତେବେ ଶେଷ ଓଭରରେ ଦଳ ପାଣ୍ଡ୍ୟା ବରୁଣ ଚକ୍ରବର୍ତ୍ତୀ ଓ ଅର୍ଶଦୀପ ସିଂହଙ୍କୁ ହରାଇଥିଲା। ଅର୍ଶଦୀପ ସିଂହ ଶେଷ ଓଭରର ୪ ବଲରେ ଛକା ମାରି ଦଳୀୟ ସ୍କୋରକୁ ୨୨୦ରେ ପହଞ୍ଚାଇ ଦେଇଥିଲେ କିନ୍ତୁ ପରବର୍ତ୍ତୀ ବଲରେ ସେ ଆଉଟ ହୋଇଯାଇଥିଲେ। ଶେଷ ବଲରେ ମୟଙ୍କ ଯାଦବ ୧ ରନ କରିବାରୁ ଭାରତର ସ୍କୋର ୨୨୧ରେ ପହଞ୍ଚିଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ